### କଣାସରେ ୩ ଦିନ ହେଲା ଲାଗିରହିଛି କାଳବୈଶାଖୀ ବର୍ଷା

# ଧାନ ଓ ପରିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ

କଣାସ,୭।୪(ସମିସ)



ଦୀର୍ଘ ଦିନ ହେଲା କାଳବୈଶାଖୀ ପ୍ରଭାବରେ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ କ୍ଷୟକ୍ଷତି ଓ ଧନଜୀବନ କ୍ଷତିଗ୍ରସ୍ତ ହେଉଥିବାବେଳେ ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକ୍‌ରେ ୫, ୬, ୭ ତାରିଖ ତିନି ଦିନ ଧରି ଅପରାହ୍ଣରେ କାଳବୈଶାଖୀ ଲାଗିରହିଛି। ଏହାର ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା, ବଜ୍ରପାତ, କୂଆପଥର ମାଡ଼ ସହିତ ବର୍ଷା ହେବା ଯୋଗୁଁ ରବି ଋତୁରେ ଚାଷୀମାନେ କରିଥିବା ଖରାଟିଆ ଧାନ ଫସଲ ପାଚିବା ଅବସ୍ଥାରେ ଜମିରେ ଶୋଇପଡ଼ିଛି। ଏହା ସହିତ ମାଟି ଓ ଜଳରେ ଧାନଗୁଡ଼ିକ ପୋତି ହୋଇ ପଡ଼ିଛି। ସେହିପରି ଚିନା ବାଦାମ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାବେଳେ ଚାଷୀମାନେ ବିଭିନ୍ନ ନଦୀପଠାରେ ଓ ଜମିରେ କରିଥିବା ବାଇଗଣ, କଲରା, ପୋଟଳ, ଜହ୍ନି, ଭେଣ୍ଡି, କଖାରୁ ଏବଂ ବିଭିନ୍ନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ସ୍ଥାନୀୟ ମହାଜନମାନଙ୍କଠାରୁ ଚଢ଼ା ଦରରେ ଆଣିଥିବା ଋଣକୁ କିପରି ଶୁଝିବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

### ● କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା'

କୁଣ୍ଢେଇ,୭।୪(ସମିସ): ମଙ୍ଗଳବାର ମା' ମଙ୍ଗଳାଙ୍କ ଶେଷ ପାଳି ଯାତ୍ରାରେ ମା'ଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା ଅନୁଷ୍ଠିତ ହେବା ସହ ଗାଁ ଗଣ୍ଡାରେ ମହିଳାମାନଙ୍କ ଦ୍ୱାରା ମା'ଙ୍କ ଉଦ୍ଦେଶ୍ୟରେ ଚାଲିଥିବା ପନ୍ଥେଇ ଓଷା ଶେଷ ହୋଇଛି। ଏହି ଅବସରରେ ମା'ଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ କରିଛନ୍ତି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା'ଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଛନ୍ତି। ଚୈତ୍ର ମାସ ପ୍ରଥମ ମଙ୍ଗଳବାରରେ ମା' ମଙ୍ଗଳାଙ୍କ ନେତ୍ରୋତ୍ସବଠାରୁ ଆରମ୍ଭ ହୋଇଥିବା ମା'ଙ୍କ ପାଳିଯାତ୍ରା ପଞ୍ଚମ ମଙ୍ଗଳବାରରେ ଝାମୁ ଯାତ୍ରା ପରେ ଏହି ପାଳିଯାତ୍ରା ଶେଷ ହୋଇଛି।

ସାଧାରଣତଃ ଚୈତ୍ର ମାସର ପ୍ରଥମ ମଙ୍ଗଳବାରଠାରୁ ମା'ଙ୍କ ପାଳି ଯାତ୍ରା ଆରମ୍ଭ ହୋଇ ବୈଶାଖ ମାସ ପ୍ରଥମ ମଙ୍ଗଳବାର ପର୍ଯ୍ୟନ୍ତ ପଞ୍ଚମ ପାଳିରେ ମା'ଙ୍କ ପାଳିଯାତ୍ରା ଶେଷ ହେବା ସହ ମା'ଙ୍କ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ମଙ୍ଗଳବାର ଭୋର୍ ୩ଟାରୁ ମା'ଙ୍କର ସ୍ନାନ ମାର୍ଜଣା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ମା'ଙ୍କ ରାଜରାଜେଶ୍ୱରୀ ବେଶ ପରେ ଭୋର୍ ୪ଟାରେ ପହଡ଼ ଖୋଲିଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପ୍ରତ୍ୟୁଷରୁ ଆସି ମା'ଙ୍କ ଦର୍ଶନ ସହ ଝାମୁ ଯାତ୍ରାରେ ସାମିଲ୍ ହୋଇଥିଲେ। ପଞ୍ଚମ ପାଳିରେ ମାନସିକ ରଖି ଗ୍ରାମାଞ୍ଚଳ ସଧବା ମହିଳାମାନଙ୍କ ଦ୍ୱାରା ଚାଲିଥିବା ପନ୍ଥେଇ ଓଷା ଶେଷ ହୋଇଥିଲା। ଦ୍ୱିପ୍ରହରରେ ଝଙ୍କଡ଼ ଶାରଳାଙ୍କ ପୀଠରୁ ଆସିଥିବା ମାଳି ସମ୍ପ୍ରଦାୟର ପାଟୁଆ ସେବକମାନେ ପାରମ୍ପରିକ ଢୋଲ, ମହୁରୀ ବାଦ୍ୟର ରୋଷଣୀରେ ମା'ଙ୍କଠାରୁ ଆଜ୍ଞାମାଳ ନେଇ ପ୍ରାଚୀ ନଦୀର ଘାଟରୁ ପାଣି ତୋଳିବା ପରେ ମନ୍ଦିର ସମ୍ମୁଖରେ ନିର୍ମିତ ୧୨ ଫୁଟ୍ ଲମ୍ବର ଏକ ନିଆଁ ଗାଡ଼ରେ ଚାଲିଥିଲେ। ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜ ଶରୀରକୁ କଷ୍ଟ ଦେଇ ମା'ଙ୍କର ଏହି ସେବକମାନଙ୍କ ସହ ଏହି ଅଞ୍ଚଳର ମାନସିକଧାରୀ ଭୋଇ ସମ୍ପ୍ରଦାୟର



ପାଟୁଆମାନେ ନିଆଁ ଗାଡ଼ରେ ଚାଲିବା ସହ ମା'ଙ୍କ ସମ୍ମୁଖରେ ଘଣ୍ଟ ପାଟୁକା ନୃତ୍ୟ କରି ଏହି ଯାତ୍ରାର ସମାପନ କରିଥିଲେ। ରାଜ୍ୟର ଅନ୍ୟ ଶକ୍ତି ପୀଠରେ ପଣାସଙ୍କ୍ରାନ୍ତିରେ ଝାମୁ ଅନୁଷ୍ଠିତ ହେଉଥିବାବେଳେ ମା' ମଙ୍ଗଳାଙ୍କ ପୀଠରେ ମା'ଙ୍କ ପଞ୍ଚମ ପାଳିଯାତ୍ରାରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶ୍ୱାସ ରହିଛି ପରମ ବୈଷ୍ଣବୀ ପ୍ରାଚୀ ତଟ ବାସିନୀ ମା' ମଙ୍ଗଳାଙ୍କ ଏହି ଆବିର୍ଭାବ ଦିବସ ବା ମା' ମଙ୍ଗଳାଙ୍କ ପଞ୍ଚମ ପାଳିଯାତ୍ରାରେ ଝାମୁ ଅବସରରେ ମା'ଙ୍କ ଦର୍ଶନ କଲେ ମା'ଙ୍କର ଅପାର କରୁଣା ପ୍ରାପ୍ତି ହୋଇଥାଏ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନେ ଧାଡ଼ିରେ ଯାଇ ମା'ଙ୍କୁ ଦର୍ଶନ କରିଥିବାବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ମଧ୍ୟରେ ପୁଲିସ ନିୟୋଜିତ କରାଯାଇଥିଲା। ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ନିମାପଡ଼ା ଆରକ୍ଷୀ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସମସ୍ତ ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଥିଲେ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବ୍ରହ୍ମଗିରି,୭।୪(ସମିସ): ମଙ୍ଗଳବାର ସକାଳୁ ପୁରୀ ସାତପଡ଼ା ୩୧୬ ଜାତୀୟ ରାଜପଥ ରେବଣା ନୂଆଗାଁ ହାଇସ୍କୁଲ ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଆରୋହୀଙ୍କ ମୁଣ୍ଡ ଉପରେ ଟ୍ରାକ୍ଟର ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଯାଜପୁର ଅଞ୍ଚଳର ପୀତାମ୍ବର ସ୍ୱାଇଁ (୨୮)। ଶଶୁର ଘରକୁ ବୁଲିବାକୁ ଆସି ଶବ ହୋଇଗଲେ। ସୂଚନା ଅନୁସାରେ, ଯାଜପୁର ଅଞ୍ଚଳର ପୀତାମ୍ବର ସ୍ୱାଇଁ ଦୁଇଦିନ ତଳେ ଗମ୍ଭାରୀଗୋଲା ଗ୍ରାମ ଶଶୁର ଘରକୁ ଆସିଥିଲେ। ସୋମବାର ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରି ଘରକୁ ନେବା ପାଇଁ ଖଜା କିଣି ରାତିରେ ଶଶୁର ଘରକୁ ଫେରିଥିଲେ। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୫ଟା ସମୟରେ ସେ ଯାଜପୁର ଫେରୁଥିଲେ। ଏହି ସମୟରେ ପୁରୀ ପଟୁ ଇଟା ବୋଝେଇ କରି ସାତପଡ଼ା ଅଭିମୁଖେ



ଯାଉଥିବା ଏକ ଟ୍ରାକ୍ଟର ବିପରୀତ ଦିଗରୁ ଆସୁଥିବା ପୀତାମ୍ବରଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ପୀତାମ୍ବର ଟ୍ରାକ୍ଟର ଚକା ତଳକୁ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ଉପରେ ଟ୍ରାକ୍ଟରର ପଛ ଚକା ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ତେବେ ଦୁର୍ଘଟଣା ପରେ ସେଠାରୁ ଟ୍ରାକ୍ଟର ଚାଳକ ଜଣକ ଚମ୍ପଟ ମାରିଛି। ସେପଟେ ପୁଲିସ ଗାଡ଼ି ଦୁଇଟିକୁ ଜବତ କରିବା ସହିତ ଶବକୁ ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାର ସମସ୍ତ ଦିଗକୁ ଦେଖି ଅଧିକ ତଦନ୍ତ କରୁଥିବା ବ୍ରହ୍ମଗିରି ପୁଲିସ କହିଛି।

## ସୁଭଦ୍ରା ଶକ୍ତି ସମାରୋହ ଓ ସେବା କେନ୍ଦ୍ର



ଗମ୍ଭାରୀପଦା,୭।୪(ସମିସ): ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ଅନ୍ୱେଷଣର ଆଜ୍ଞାଦାତ୍ରୀ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପବିତ୍ର ଝାମୁଯାତ୍ରା ବୈଶାଖ ମାସର ପ୍ରଥମ ମଙ୍ଗଳବାର ମା'ଙ୍କ ପୀଠରେ ୫ମ ପାଳି ଭାବେ ପାଳିତ ହୋଇ ଘଣ୍ଟ ପାଟୁଆମାନେ ରଡ଼ ନିଆଁରେ ଚାଲୁଥିବା ପରମ୍ପରା ଆବହମାନ କାଳରୁ ରହି ଆସିଛି। ଏହି ପୀଠକୁ ଦୂରଦୂରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଭକ୍ତମାନଙ୍କୁ ରନ୍ଧାଖାଦ୍ୟ ଓ ତୃଷାର୍ତ୍ତମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ସୁଭଦ୍ରା ଶକ୍ତି ପକ୍ଷରୁ ଦହି ସରବତ ବଣ୍ଟନ ସହ ସୁଭଦ୍ରା ସମାରୋହ କାକଟପୁର ନୂତନ ବସ୍‌ଷ୍ଟାଣ୍ଡ ସମ୍ମୁଖ ପଡ଼ିଆରେ ଆୟୋଜିତ ହୋଇଯାଇଛି। ମିଶନ ଶକ୍ତି ବିଭାଗ ରାଜ୍ୟ ସରକାରଙ୍କ ସହାୟତାରେ କାକଟପୁର ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ସଭାକୁ ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ସଭାପତିତ୍ୱ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି, ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ମୁଖ୍ୟବକ୍ତା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶିକା ଅନୁଗୁଳା ସ୍ନେହା, ଡିଏସ୍‌ଡବ୍ଲୁଓ ତନୁପ୍ରଭା ବେଉରା, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ ପ୍ରମୁଖ ଯୋଗଦେଇ ସୁଭଦ୍ରା ସହାୟତା ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ଦ୍ୱାରା ଆତ୍ମନିର୍ଭରଶୀଳ ଓଡ଼ିଶାର ଷ୍ଟଲ୍‌ଗୁଡ଼ିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ବିଏଲ୍‌ଏଫ୍‌ର ସଭାନେତ୍ରୀ ଚାରୁଲତା ଖୁଣ୍ଟିଆ, ମିଶନ ଶକ୍ତି ଡିପିସି ସ୍ୱାଗତିକା ପରିଡ଼ା, ସମ୍ପାଦିକା ଲିଲିପ୍ରଭା ସାହୁଙ୍କ ସମେତ ସହସ୍ରାଧିକ ମହିଳା ସମାରୋହରେ ଯୋଗଦେଇଥିଲେ। କାକଟପୁର ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ କାକଟପୁର ଆଇଆଇସି ବସନ୍ତ କୁମାର ସାହୁଙ୍କ ସମୟୋପଯୋଗୀ ଟ୍ରାଫିକ୍ ପରିଚାଳନା ଦ୍ୱାରା ମା'ଙ୍କ ଝାମୁଯାତ୍ରା ଓ ସମାରୋହଟି ଶାନ୍ତିଶୃଙ୍ଖଳାର ସହିତ ସମ୍ପୂର୍ଣ୍ଣ ହୋଇଥିଲା।

## ବିଜୁଳି ମାଡ଼ରେ ୩ ବଖରା ଭସ୍ମ

କୃଷ୍ଣପ୍ରସାଦ,୭।୪(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ରବିବାର ଦିନଠାରୁ ଦୁଇ ଦିନ ଧରି କାଳବୈଶାଖୀ ଆରମ୍ଭ ହୋଇଥିଲାବେଳେ ମାଲୁଦ ପଞ୍ଚାୟତର ଫତେପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ନକୁଳ ଗିରି, ସଞ୍ଜୟ ଗିରି ଓ ରଞ୍ଜନ ଗିରିଙ୍କ ତିନି ବଖରା ଘର ବିଜୁଳି ମାଡ଼ରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଭାବେ ଘରଗୁଡ଼ିକ ଜଳି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଘଟଣା ସମୟରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ସେମାନେ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ବିଳମ୍ବ ହେତୁ ନିଆଁକୁ ଆୟତ କରାଯାଇପାରି ନ ଥିଲା। ତେଣୁ କ୍ଷତି ବେଶି ହୋଇଥିବା ଅଭିଯୋଗ ହୋଇଛି।

**ଅଗ୍ନିଶମ ବିଭାଗର ପହଞ୍ଚିବାରେ ବିଳମ୍ବକୁ ନେଇ ଅଭିଯୋଗ**

ଗ୍ରାମବାସୀମାନେ ଅଗ୍ନିଶମ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ଅସନ୍ତୋଷ ପ୍ରକାଶ କରି ଏହାକୁ ବେପରୁଆ ଓ ଅବହେଳାପୂର୍ଣ୍ଣ ବ୍ୟବହାର ବୋଲି ଅଭିହିତ କରିଛନ୍ତି। ଏହା ସହ ପ୍ରଶାସନକୁ ଦାବି କରାଯାଇଛି ଯେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ପ୍ରଭାବିତ ପରିବାରକୁ ଯଥାଶୀଘ୍ର ସହାୟତା ଓ ପୁନର୍ବାସ ବ୍ୟବସ୍ଥା କରାଯାଉ।

## ଭଗବାନ ସାହୁ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଜଳସେବା



ଚାରିଛକ,୭।୪(ସମିସ): ମଙ୍ଗଳବାର କାକଟପୁର ମା' ମଙ୍ଗଳାଙ୍କ ୫ ପାଳି ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାରିଛକ ରାସ୍ତା ଦେଇ କାକଟପୁର ମା' ମଙ୍ଗଳାଙ୍କ ଯାତ୍ରା ଦେଖିବାକୁ ଯାଉଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଶ୍ରଦ୍ଧାଳୁ। ଏହି ଅବସରରେ ଚାରିଛକ ମେଡିକାଲ ଛକଠାରେ ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁଙ୍କ ଦ୍ୱାରା ଏକ ଜଳସେବା କେନ୍ଦ୍ର ଖୋଲାଯାଇଛି। ଉକ୍ତ ଜଳ ସେବା କେନ୍ଦ୍ରରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୋପୀନାଥ କର, ସମ୍ପାଦକ କାହ୍ନୁଚରଣ ବେହେରା, ପ୍ରାକ୍ତନ ଶିକ୍ଷକ କୈଳାଶ ଚନ୍ଦ୍ର ତ୍ରିପାଠୀ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ଦେବାଶିଷ ନାୟକ, ସନ୍ତୋଷ ଦାସ, ବିଜୟ ବେହେରା, ପ୍ରଶାନ୍ତ ସାହୁ, ରୁଦ୍ର ପ୍ରତାପ ସାହୁ, ମୋହନ ଦାଶ(ଟୁକୁନା), ପୀତବାସ ନାୟକ, ବାଳକୃଷ୍ଣ କଟିକିଆ, ବାବି କଟିକିଆ, ସୁଧିର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ନିମାପଡ଼ା ପ୍ରାକ୍ଟିସିଂ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ନିମାପଡ଼ା,୭।୪(ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପ୍ରାକ୍ଟିସିଂ ୟୁଜିୟୁପି ବିଦ୍ୟାଳୟରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଆମ ସହରର ଶିକ୍ଷାରଥ ଉକ୍ତ ପ୍ରାଙ୍ଗଣରୁ ତା'ର ଯାତ୍ରା ଆରମ୍ଭ କରି ଅଞ୍ଚଳର ବିଭିନ୍ନ ସରକାରୀ ବିଦ୍ୟାଳୟକୁ ଯାଇ ଅଭିଭାବକଙ୍କ ମଧ୍ୟରେ ଆତ୍ମଚେତନତା ଉଦ୍ରେକ କରିବାରେ ସଫଳ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ଉପସ୍ଥିତ ରହି ଉତ୍ସବ ପାଳନର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣକୁ ରଙ୍ଗ ମୁରୁଜ, ଆମ୍ବଡାଳ ତଥା ଫୁଲଫଳରେ ସଜାଇ ଦିଆଯାଇଥିଲା। ବିଦ୍ୟାଳୟ ପରିସରରେ ନୃତ୍ୟ ଗୀତର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ନୂତନଭାବେ ପ୍ରବେଶ କରୁଥିବା ଛାତ୍ରଛାତ୍ରୀଙ୍କ ନିମିତ୍ତ ସଂଖ୍ୟାଜ୍ଞାନ, ଅକ୍ଷର ଜ୍ଞାନ ତଥା ବିଭିନ୍ନ କ୍ରୀଡ଼ା କୌଶଳ ମାଧ୍ୟମରେ ଆକର୍ଷଣୀୟ ଶିକ୍ଷାପ୍ରଦାନର ଅଭିନବ କୌଶଳକୁ ଭିତ୍ତିକରି ଅଭିଭାବକ ଓ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଯାଇଥିଲା। ଉକ୍ତ ଉତ୍ସବରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲକ୍ଷ୍ମୀଧର ସେଠୀ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷଣପ୍ରଭା ପାତ୍ର, ସହକାରୀ ଶିକ୍ଷକ ମାହେଶ୍ୱରୀ ଦାଶ, ଇପ୍ସିତା ପ୍ରିୟଦର୍ଶିନୀ, ସ୍ନେହଲତା ସ୍ୱାଇଁ, ତ୍ରୈଲିପ୍ତା ଦାଶ ସାଂଗଠନିକ ମନୋବୃତ୍ତି ନେଇ ସୁଚାରୁରୂପେ ପରିଚାଳନା କରିଥିଲେ।

## ଜଗଜ୍ଜୀବନ ରାମଙ୍କ ଜୟନ୍ତୀ ଉତ୍ସବ

ବ୍ରହ୍ମଗିରି,୭।୪(ସମିସ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ, ଜଗଜ୍ଜୀବନ ରାମ୍ ଫାଉଣ୍ଡେସନ୍ ଏବଂ ପୁରୀ ଗୋପିନାଥ କ୍ଲବ୍‌ର ମିଳିତ ସହାୟତାରେ ବାବୁ ଜଗଜ୍ଜୀବନ ରାମ୍‌ଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକ୍ ମଣପଡ଼ା ପଞ୍ଚାୟତ ଅରୁଆଗୋବିନ୍ଦପୁର ଗ୍ରାମର ବାଟମହାବୀରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭୀମସେନ ଜେନା, କବି ବିଭୂଦତ୍ତ ଭିକାରୀ ଚରଣ ଜେନା ବାବୁ ଜଗଜ୍ଜୀବନ ରାମ୍‌ଙ୍କ ଦେଶ ପ୍ରତି ତ୍ୟାଗ କଥା ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୈକୁଣ୍ଠନାଥ ପୃଷ୍ଟି, ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ, ସମାଜସେବୀ ବୃନ୍ଦାବନ ପ୍ରଧାନ, ପ୍ରଦୀପ୍ତ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାମ୍‌ଙ୍କ ଉତ୍ସର୍ଗୀକୃତ ଭାବନା ବିଷୟରେ ବୁଝାଇଥିଲେ। କ୍ଲବ୍‌ର ସମ୍ପାଦକ ପ୍ରକାଶ ରାଉତରାୟ ଯୋଗଦେଇଥିବା ବେଳେ ଗୁଣନିଧି ବରାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ବାବୁ ଜଗଜ୍ଜୀବନ ରାମ୍‌ଙ୍କ ବିଷୟରେ ପ୍ରବନ୍ଧ ଲେଖି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୌତମ କୁମାର ପୃଷ୍ଟି ପରିଚାଳନା କରିଥିଲେ।

## ସତ୍ୟସାଇ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକୋତ୍ସବ



ଗୋପ,୭।୪(ସମିସ): ଗୋପ ଶିକ୍ଷା ବିଭାଗ ଅଧୀନ ବେଗୁନିଆସ୍ଥିତ ସତ୍ୟସାଇ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ତପନ କୁମାର ଦାସ ଯୋଗଦେଇ ବିକଶିତ ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶିଶୁପତ୍ରିକା ବାନରସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଶିଶୁମାନେ ହେଉଛନ୍ତି ମାଟି ସଦୃଶ। ସେମାନଙ୍କୁ ଅଭିଭାବକ ଓ ଶିକ୍ଷକ ଯାହା ଶିକ୍ଷାଦେବେ ସେମାନେ ସେପରିଭାବେ ଭଲ ମଣିଷ ହେବେ। ଆଜିର ଡିଜିଟାଲ ଦୁନିଆରେ ଶିଶୁମାନଙ୍କୁ ମୋବାଇଲ ବିଶେଷ ଭାବେ ପ୍ରଭାବିତ କରୁଛି। ଯଥାସମ୍ଭବ ସେମାନଙ୍କଠାରୁ ମୋବାଇଲ୍‌କୁ ଦୂରରେ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସଞ୍ଜୟ ବରାଳ, ଜୟଦେବ ମହାପାତ୍ର, ଦୟାନିଧି ବେହେରା, ସତ୍ୟସାଇ ବିଦ୍ୟାମନ୍ଦିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୋଇ, ସମ୍ପାଦିକା ସୁଧାମୟୀ ଖଟୋଇ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମୋନାଲିସା ରଥ, ରୋଜାଲିନ ବଳିୟାରସିଂ, ଅନୁସୟା ଜେନା, ଦୀପାଞ୍ଜଳି କାଣ୍ଡି, କୁମ୍‌କୁମ୍ ରାୟ, ଅଙ୍କିତା ପ୍ରିୟଦର୍ଶିନୀ, ସୁଷମା ସେନାପତି, କମ୍ପ୍ୟୁଟର ଶିକ୍ଷକ ସତ୍ୟବ୍ରତ ଭୋଇଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବାବେଳେ ସଂଗ୍ରାମ କେଶରୀ ଭୋଳ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ।

## ଫାଣ୍ଡି ଅଧିକାରୀଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟିତ



ନୟାହାଟ,୭।୪(ସମିସ): ନୟାହାଟ ଧୂମାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଖରାକୁ ଆଖି ଆଗରେ ରଖି ବାଟୋଇମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ମଙ୍ଗଳବାର ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଓ ସାମାଜିକ କର୍ମୀ ଅଭିମନ୍ୟୁ ସିଂହ ଫିତା କାଟି ଜଳଛତ୍ର ଉଦ୍‌ଘାଟନ କରିଥିଲେ। ମା' ମଙ୍ଗଳାଙ୍କ ଶେଷପାଳି ଝାମୁଯାତ୍ରା ଉପଲକ୍ଷେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ନୟାହାଟ ଦେଇ ମା'ଙ୍କ ଦର୍ଶନ ଲାଗି ଯାଉଥିବା ଭକ୍ତଙ୍କୁ ନୟାହାଟ ବଣିକ ସଙ୍ଘର ସମ୍ପାଦକ ସୁବାସ ପାତ୍ର, ବିଜୟ ଜେନା, ଶରତ ବାରିକ, ସଞ୍ଜୟ ଜେନା ପ୍ରମୁଖ କରବତ ବଣ୍ଟନରେ ସାହାଯ୍ୟ କରିଥିଲେ। ସେହିପରି ନୟାହାଟ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଏନ୍‌ସିସି ପିଲା ଓ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ମିଶ୍ରଙ୍କ ସହାୟତାରେ ଦହି ସରବତ ବଣ୍ଟନ କରାଯାଇଥିଲା। ଯୋଗେଶ୍ୱରପୁର, ନୟାହାଟ ବଜାର ଆଦିରେ ଜଳଛତ୍ର ଖୋଲାଯାଇଛି।

## ଗାଁ ଦାଣ୍ଡରେ ମା' ମଙ୍ଗଳାଙ୍କ ପନ୍ଥେଇ ପୂଜା

କୁଣ୍ଢେଇ,୭।୪(ସମିସ): କାକଟପୁର ବ୍ଲକ୍ ବାଜପୁର, ରାଧାମାଧବ ପାଟଣା, କୃଷ୍ଣନଗର ପାଟଣା, କଟେରୀ ପାଟଣାରେ ମହିଳାଙ୍କ ଦ୍ୱାରା ପନ୍ଥେଇ ପୂଜାରେ ପ୍ରକମ୍ପିତ ହୋଇପଡ଼ିଥିଲା ଗାଁ ଦାଣ୍ଡ। ଚୈତ୍ର ମାସର ପ୍ରଥମ ମଙ୍ଗଳବାରରୁ ଓଷା ବା ପନ୍ଥେଇ ପୂଜା ଆରମ୍ଭ ହୋଇ



ବୈଶାଖ ମାସର ପ୍ରଥମ ମଙ୍ଗଳବାର ବା ପାଞ୍ଚମ ପାଳି ମଙ୍ଗଳାଙ୍କ ଝାମୁ ଯାତ୍ରା ଦିନ ଓଷା ଉଦ୍‌ଯାପିତ ହୋଇଛି। ବିଭିନ୍ନ ପ୍ରକାର ଫୁଲରେ ପନ୍ଥେଇକୁ ସୁସଜ୍ଜିତ କରି ଓଷା କରିଥିବା ମହିଳାମାନେ କଞ୍ଚା କ୍ଷୀର, ଚିନି, ନଡ଼ିଆ, ଛେନା, କଦଳୀ ଓ କଷି ଆମ୍ବରେ ପଣାକରି ଏହି ପଣାକୁ ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପାଣିଛଡ଼ାଯାଇ ପନ୍ଥେଇରେ ଢଳାଯାଏ। ପରିବାରର ତଥା ପିଲାମାନଙ୍କର ସୁଖ ସମୃଦ୍ଧି କାମନା କରି ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା କଲେ ସ୍ୱାମୀ, ପୁତ୍ର ଓ ପରିବାରରେ ମଙ୍ଗଳ ହେବା ସହ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

## ପାଣିଛତ୍ରଠାରେ ଝାମୁ ଯାତ୍ରା

ନୟାହାଟ,୭।୪(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ରଠାରେ ବୀରବର ଗାଦିଙ୍କ ଝାମୁ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ବହୁ ଲୋକଙ୍କ ସମାବେଶ ହୋଇଥିଲା। ଭକ୍ତମାନେ ବୀରବର ଗାଦିଙ୍କୁ ଦର୍ଶନ କରିବା ସହିତ ଭୋଗରାଗ କରିଥିଲେ। ଏଠାରେ ଯାନିଯାତ୍ରା ହେବା ସହିତ ସରବତ ଲୋକମାନଙ୍କୁ ବଣ୍ଟନ କରାଯାଇଥିଲା। ରାତିରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିବା ଅନୁଷ୍ଠାନର କର୍ମକର୍ତ୍ତା କୈଳାସ ପାତ୍ର ପ୍ରକାଶ କରିଛନ୍ତି।

### ପିପିଲିରେ ପାଳନ ହେବ 'ଲୋକକଳା ପାଇଁ ଦିନଟିଏ'

# ସାରା ରାଜ୍ୟରୁ ଯୋଗଦେବେ ୮୦୦ କଳାକାର

ପିପିଲି,୭।୪(ସମିସ)



ଆଗାମୀ ୧୦ ତାରିଖରେ ପିପିଲିରେ ପାଳନ ହେବ 'ଲୋକକଳା ପାଇଁ ଦିନଟିଏ'। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ 'ଲୋକକଳା ପାଇଁ ଦିନଟିଏ'ର ବ୍ୟବସ୍ଥା କରିଛନ୍ତି। ଏହା ପିପିଲି ପଦା ପଡ଼ିଆଠାରେ ଆସନ୍ତା ୧୦ ତାରିଖ ଅପରାହ୍ଣରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ନିର୍ବାହ ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ଣରେ ପିପିଲି ବ୍ଲକ୍ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଲୋକକଳାର କଳାକାରମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପିପିଲିରେ ରାଜ୍ୟସ୍ତରୀୟ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଥିବାରୁ ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ସମସ୍ତଙ୍କ ସହଯୋଗରେ ଏହାକୁ ସୁନ୍ଦର ଭାବେ କରିବାକୁ ସେ ପରାମର୍ଶ ଦେବା ସହ କ୍ଷେତ୍ର ପରିଦର୍ଶନ କରି ବିବିଧ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ସ୍ମିତା ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ 'ଲୋକକଳା ପାଇଁ ଦିନଟିଏ'ର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ୍ ସୂଚନା ଦେଇ ଏପ୍ରିଲ ୧୦ ତାରିଖରେ ପିପିଲି ଜବାହର ବିଦ୍ୟାପୀଠଠାରୁ ପଦା ପଡ଼ିଆ ପର୍ଯ୍ୟନ୍ତ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯାଇଛି ବୋଲି ସୂଚନା ଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୮୦୦ କଳାକାର ପାରମ୍ପରିକ ବେଶ ପୋଷାକରେ ଏହି ଶୋଭାଯାତ୍ରାରେ ସାମିଲ୍ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟସୂଚୀ ରହିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଡିଓ ସରୋଜ କୁମାର ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଜିଲ୍ଲାରେ ବଢୁଛି ଚୋରି, ଡକାୟତି

ନୟାଗଡ଼,୭।୪(ସମିସ)



ନୟାଗଡ଼ ଜିଲ୍ଲାରେ ଚୋରି, ଡକାୟତି ସାଧାରଣ ଲୋକଙ୍କ ନିଦ ହଜାଇ ଦେଲାଣି। କିନ୍ତୁ ବରିଷ୍ଠ ପୁଲିସ ଅଧିକାରୀଙ୍କ ଏଯାଏଁ ନିଦ ଭାଙ୍ଗୁନି। ଥାନା ଅଧିକାରୀ ଓ ତଳିଆ କର୍ମଚାରୀଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଇ ନିଜ ଉପରୁ ଦାୟିତ୍ୱ ଖସାଇ ଦେଉଛନ୍ତି। ଫଳରେ ନୟାଗଡ଼ ଜିଲ୍ଲାର ଆଇନଶୃଙ୍ଖଳା ସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଛି। ଗୋଟିଏ ପରେ ଗୋଟିଏ ଚୋରି ଘଟଣାକୁ ଦେଖିବା ପରେ ବୁଦ୍ଧିଜୀବୀମାନେ ଏଭଳି ପ୍ରତିକ୍ରିୟା ଦେବାକୁ ଆରମ୍ଭ କଲେଣି। ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ହେଉଥିବା ଚୋରି ଘଟଣାର ଖିଅ ପୁଲିସ ଖୋଜି ନପାଇବା ଜିଲ୍ଲାବାସୀଙ୍କୁ ବ୍ୟଥିତ କରୁଛି। ନୟାଗଡ଼ ଜିଲ୍ଲାର ଅନେକ ଥାନାରେ ବିଗତ ଦୁଇ ବର୍ଷ ମଧ୍ୟରେ ଶତାଧିକ ଚୋରି ମାମଲା ରୁଜୁ ହୋଇଛି। ଗତବର୍ଷ ଜିଲ୍ଲାରେ ୯ଟି ଡକାୟତି, ୨୮ଟି ରାହାଜାନି, ୧୦୫ ସିନ୍ଧି, ୩୫୧ଟି ଚୋରି ମାମଲା ରୁଜୁ ହୋଇଛି। କୌଣସି ଥାନା ପୁଲିସ ଆଖି ଦୃଶିଆ ଭାବେ ଚୋର, ଡକାୟତଙ୍କୁ ସାବାଡ଼ କରିବାକୁ ଅଣ୍ଟା ଭିଡ଼ିନାହାନ୍ତି। ବିଗତ ଦିନରେ ମନ୍ଦିର ଚୋରି ଘଟଣାରେ ପୁଲିସ ଚାପରେ ପଡ଼ି ଧରିବାରେ ସଫଳ ହୋଇଥିବା ବେଳେ ଅନେକ ଘରୁ ଚୋରି, ବାଇକ ଚୋରି, ସାଇକଲ ଚୋରି, ଚେନ୍ ଲୁଟ, ଛିନତାଇ ଭଳି ଅଭିଯୋଗ ଗୁଡ଼ିକ ତଦନ୍ତରେ ଅଟକି ଯାଉଛି। ଏହା ପଛରେ କାରଣ କ'ଣ ବୋଲି ପ୍ରଶ୍ନ ଉଠୁଥିବା ବେଳେ ପୁଲିସ ବିଭାଗର ଚୋର ଧରିବା ପାଇଁ ନିଷ୍ଠା ନଥିବା ଆଲୋଚନା ହେଉଛି। ନିକଟରେ ସଦରଥାନା ଅନ୍ତର୍ଗତ ଯଦୁପୁର ଗାଁରୁ ଚୋରି ଘଟଣା, ଟାଉନଥାନା ନବଘନପୁର ଚୋରି ଘଟଣା ଲୋକଙ୍କ ମନରେ ସଜେତ ହୋଇ ରହିଛି। ନୟାଗଡ଼ ଲକ୍ଷ୍ମଣନଗର ଚୋରି ଘଟଣା, ଶ୍ରୀରାମ ନଗରରେ ରହୁଥିବା ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ଘରୁ ଚୋରି ଘଟଣା ଏବେ ବି ରହସ୍ୟ ଘେରରେ ରହିଛି। ନୟାଗଡ଼ ସଦର ଓ ଟାଉନଥାନାକୁ ବାଦ ଦେଲେ ଫତେଗଡ଼ ଥାନା ଅଞ୍ଚଳରେ ମଧ୍ୟ ଅନେକ ଚୋରି ଘଟଣା ଅନ୍ଧାରରେ ରହିଛି। ପୁଲିସ ଚୋରି ରୋକିବାରେ ବିଫଳ ହେଉଥିବା ବେଳେ ଚୋରି ଧରିବାରେ ମଧ୍ୟ ବିଫଳ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଗତ ମାର୍ଚ୍ଚ ୨୭ ତାରିଖରେ ସଦରଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ବୈକୁଣ୍ଠ ସାହୁଙ୍କ ଘରୁ ସଶସ୍ତ୍ର ଡକାୟତି ଏବଂ ଏହା ପରେ ଅପ୍ରେଲ ୧ ତାରିଖ ରାତିରେ ଖମାରିସାହି ଗାଁର ଭରତ ମହାନ୍ତି ଓ କରଜ ସ୍ୱାଇଁଙ୍କ ଘରୁ ଚୋରି ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଗତ ୫ ତାରିଖ ରାତିରେ ଖଣ୍ଟୁଗାଁ ଗ୍ରାମର ସୁଜାତା ମହାପାତ୍ରଙ୍କ ଘରୁ ଚୋରି ଘଟଣାକୁ ନେଇ ପୁଲିସ ପାଇଁ ଚିନ୍ତା ସୃଷ୍ଟି ହୋଇଛି। ସଦରଥାନା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରି ଘଟଣାକୁ ନେଇ କାହିଁକି ପୁଲିସ ବିଭାଗ ବରିଷ୍ଠ ଅଧିକାରୀମାନେ ଚିନ୍ତା ବ୍ୟକ୍ତ କରି ନାହାନ୍ତି ବୋଲି ପ୍ରଶ୍ନ ଉଠିଛି। ବରିଷ୍ଠ ଅଧିକାରୀମାନେ ଆନ୍ତରିକତା ପ୍ରକାଶ କଲେ ନିଶ୍ଚିତ ଭାବେ ଚୋର ଦଳ ଗୁଡ଼ିକ ଧରା ହେବା ସହିତ ଲୋକଙ୍କ ଧନ ସମ୍ପତ୍ତି ଉଦ୍ଧାର ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ, ଚୋର ଧରିବା ପାଇଁ ପୁଲିସ ଟେକ୍ନୋଲୋଜି ଆପଣାଇବା ବଦଳରେ ପୁରୁଣା ଢାଞ୍ଚାରେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଯାହାକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ନୟାଗଡ଼ ସହରରେ ଲାଗିଥିବା ସିସିଟିଭି ଗୁଡ଼ିକ ମରାମତି କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନେକ ସିସିଟିଭି ଅଚଳ କାରଣରୁ ଚୋରି ଡକାୟତି ଉପରେ ପୁଲିସ ନଜର ରଖି ପାରୁନାହିଁ। ସିସିଟିଭି ମରାମତି ପାଇଁ ନା ପୌର ପରିଷଦ ଆନ୍ତରିକତା ଦେଖାଉଛି, ନା ପୁଲିସ ବିଭାଗ ନା ଜିଲ୍ଲା ପ୍ରଶାସନ। ଏଭଳି ସ୍ଥିତିରେ ଜିଲ୍ଲାବାସୀ କେବଳ ଭାଗ୍ୟକୁ ଆଦରି ଭୟ ଓ ଆଶଙ୍କାରେ କାଳାତିପାତ କରୁଛନ୍ତି।

**ବରିଷ୍ଠ ଅଧିକାରୀଙ୍କ ନିଦ ଭାଙ୍ଗୁନି**

## ଦଶପଲ୍ଲା ଲଙ୍କାପୋଡ଼ିରେ ଜନସମାଗମ

ନୟାଗଡ଼/ଗଣିଆ, ୭।୪(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରାରେ ହଜାର ହଜାର ଦର୍ଶକ ଏକାଠି ହୋଇ ମଜା ଉଠାଇଛନ୍ତି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଛନ୍ତି। ପ୍ରଭୁ ଶ୍ରୀରାମ ଅର୍ଦ୍ଧଚନ୍ଦ୍ର ବାଣ ମାରି ରାବଣର ଯୋଦ୍ଧା ଭାଇ କୁମ୍ଭକର୍ଣ୍ଣଙ୍କୁ ମାରିବା ପରେ ରାବଣ ନିଜେ ଯୁଦ୍ଧ କ୍ଷେତ୍ରକୁ ବାହାରେ। ରାଣୀ ମନ୍ଦୋଦରୀ ଯେତେ ମନା କଲେ ବି ରାବଣ ତାଙ୍କ କଥାରେ କର୍ଣ୍ଣପାତ ନକରି ଆସି ରଣଭୂମିରେ ପହଞ୍ଚେ। ଶ୍ରୀରାମଙ୍କ ସହ ରାବଣର ଘୋର ଯୁଦ୍ଧ ହୁଏ। ଶ୍ରୀରାମ ଯେତେ ଥର ରାବଣର ମୁଣ୍ଡକୁ କାଟିଲେ ବି ତାହା ପୁଣି ଆସି ଯୋଡି ହୋଇଯାଏ। ଏହା ଦେଖି ବିଭୀଷଣ ଶ୍ରୀରାମଙ୍କୁ ରାବଣର ମୃତ୍ୟୁ ଭେଦ କହନ୍ତି ଯେ, ତାର ନାଭିକୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ବିଦୀର୍ଣ୍ଣ କଲେହିଁ ତାର ମୃତ୍ୟୁ ହେବ। ପ୍ରଭୁ ଶ୍ରୀରାମ ତାହାହିଁ କରନ୍ତି ଏବଂ ରାବଣର ମୃତ୍ୟୁ ହୁଏ। ଦଶପଲ୍ଲା ୩୫ ଫୁଟ ଉଚ୍ଚ ରାବଣ ମୂର୍ତ୍ତି ଯୁଦ୍ଧ କରି ପଛୁଆ ପଛୁଆ ଆସି ଗାନ୍ଧୀ ପଡ଼ିଆ ପାଖରେ ପହଞ୍ଚେ। ସେଠାରେ ଆଗରୁ ଥିବା ପ୍ରତୀକ ରାବଣକୁ ବ୍ରହ୍ମଶର ମାରିବା ପରେ ତାହା ଜଳି ଉଠେ ଏବଂ ଶରଟି ଶ୍ରୀରାମଙ୍କ ତୁଣୀରକୁ ଫେରି ଆସେ ଏହି ଲୀଳା ଦେଖିବା ପାଇଁ ପ୍ରାୟ ଲକ୍ଷାଧିକ ଶ୍ରଦ୍ଧାଳୁ ଦଶପଲ୍ଲା ଆସିଛନ୍ତି। ରାବଣ ମୃତ୍ୟୁ ପରେ ଶ୍ରୀରାମଙ୍କ ସୈନ୍ୟମାନେ ଆତସ ବାଜି ଫୁଟାଇ ଖୁସି ମନାଇବା ସହ ଶ୍ରୀରାମ ବିଭୀଷଣଙ୍କୁ ଲଙ୍କାରେ ରାଜ୍ୟାଭିଷେକ କରନ୍ତି। ପରେ ୧୪ ବର୍ଷ ବନବାସ ଶେଷ ହୋଇ ଥିବାରୁ ସମସ୍ତଙ୍କୁ ନେଇ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି। ଆଜି ଲଙ୍କାପୋଡ଼ି ଯାତ୍ରା ଦେଖିବାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ପୁଲିସ ତରଫରୁ ଶାନ୍ତି ଶୃଙ୍ଖଳା ବଜାୟ ରଖାଯାଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମେଲୋଡି ଗୀତର ତାଳେ ତାଳେ ଝୁମି ଯାଇଥିଲେ ଦର୍ଶକ। ମେଳାରେ ବିଭିନ୍ନ ଦୋକାନ ବଜାର ପଡ଼ିଥିଲା। ଦୁଇ ଦିନ ଧରି ବର୍ଷା ପବନ ଯୋଗୁଁ ବ୍ୟବସାୟ ମାନ୍ଦା ରହିଥିବା ବ୍ୟବସାୟୀ ପ୍ରକାଶ କରିଛନ୍ତି।



## ● ଚୋରି ବୋଲେରୋରେ ଛେଳି ଚୋରି
## ଘେରିଲେ ଗ୍ରାମବାସୀ; ଗାଡ଼ି ଛାଡ଼ି ପଳାଇଲେ ଚୋର

ଓଡ଼ଗାଁ, ୭।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ବାଣ୍ଡପୁର ପଞ୍ଚାୟତର ନିହଲ ପ୍ରସାଦ ଓ ଓସ୍ତିଆ ମାଳ ଆଦିବାସୀ ଅଧ୍ୟୁଷିତ ଦୁଇଟି ଗାଁରୁ ରବିବାର ବିଳମ୍ବିତ ରାତିରେ ଛେଳି ଚୋରି ଘଟଣା ଘଟିଛି। ଚୋର ଦଳ ପ୍ରାୟ ୮ଟି ଛେଳିକୁ ଚୋରି କରି ଗୋଟିଏ ବୋଲେରୋ ଗାଡ଼ିରେ ନେଇଯାଉଥିବା ବେଳେ ଗ୍ରାମବାସୀଙ୍କ ସଚେତନତାରୁ ବଡ଼ ଅପରାଧ ରୋକାଯାଇଛି। ସୂଚନା ପାଇ ଆଖପାଖ ଗାଁର ଲୋକେ ଗାଡ଼ିକୁ ପିଛା କରିବା ସହିତ ବିଭିନ୍ନ ସ୍ଥାନରେ ଛକି ବସିଥିଲେ। ଚୋରମାନେ ଜଙ୍ଗଲ ରାସ୍ତାରେ ପଳାଉଥିବା ସମୟରେ ଗାଡ଼ିର ନିୟନ୍ତ୍ରଣ ହରାଇ ଜଙ୍ଗଲ ଓଲଟି ପଡ଼ିଥିଲା। ପରେ ସେମାନେ ଗାଡ଼ିକୁ ଛାଡ଼ି ରାତି ଅନ୍ଧାରରେ ଜଙ୍ଗଲରେ ଲୁଚି ପଳାଇଯାଇଥିଲେ।



ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ଛେଳିଗୁଡ଼ିକୁ ଉଦ୍ଧାର କରିଥିଲେ। ତେବେ ଏଥିରେ ୨ଟି ଛେଳି ନଥିବା ଜଣାପଡ଼ିଛି। ଖବର ପାଇ ଓଡ଼ଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ ଗାଡ଼ି ସହ ଉଦ୍ଧାର ହୋଇଥିବା ଛେଳିମାନଙ୍କୁ ଥାନାକୁ ନେଇ ଆବଶ୍ୟକ ପ୍ରକ୍ରିୟା ପରେ ମୂଳ ମାଲିକଙ୍କୁ ଫେରାଇ ଦେଇଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ବୋଲେରୋ ଗାଡ଼ିଟି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ହିଞ୍ଜିଳିକାଟୁ ପୌରାଞ୍ଚଳରୁ ପ୍ରାୟ ଗୋଟିଏ ମାସ ପୂର୍ବେ ଚୋରି ହୋଇଥିଲା। ଚୋର ଦଳ ଏହି ଚୋରି ଗାଡ଼ିକୁ ବ୍ୟବହାର କରି ବିଭିନ୍ନ ସ୍ଥାନରେ ଛେଳି ଚୋରି କରୁଥିବା ସନ୍ଦେହରୁ ଜଣାପଡ଼ିଛି। ଏହି ଘଟଣାକ୍ରମରେ ଚୋର ଦଳର ଜାଲ ବ୍ରହ୍ମପୁରରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବ୍ୟାପିଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଚୋରମାନଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି।

## ଘଣ୍ଟାଘଣ୍ଟା ଅନ୍ଧାରରେ ଅଞ୍ଚଳବାସୀ

ଗଣିଆ,୭।୪(ସମିସ): କେବେ ସୁଧୁରିବ ଗଣିଆରେ ବିଦ୍ୟୁତ୍ ସମସ୍ୟା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଜକୁ ନିଜେ ପ୍ରଶ୍ନ ପଚାରୁଛନ୍ତି ଉପଭୋକ୍ତା। ୧୦ ବର୍ଷ ତଳେ ଅବସ୍ଥା ଯାହା ଥିଲା ଏବେବି ସେୟା। ବେଙ୍ଗ ମୁତିଲେ ଉଭାନ ହେଉଛି ବିଦ୍ୟୁତ୍। ଆକାଶରେ ମେଘ ଦେଖାଦେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେଉଛି। କେତେବେଳେ ଆସିବ ତା'ର ଉତ୍ତର କାହା ପାଖରେ ରହୁନି। ବରଂ ଚିରାଚରିତ ଢଙ୍ଗରେ ଗୋଟିଏ ଉତ୍ତର ୩୩ କେଭି ବ୍ରେକ୍ ଡାଉନ୍, ଆମେ କ'ଣ କରିବୁ। ଏ ଉତ୍ତରଟି ଶୁଣି ଶୁଣି ଉପଭୋକ୍ତାଙ୍କ କାନ ବଧିର ହୋଇଗଲାଣି। କାଳ ବୈଶାଖୀ ଆସିଲେ ଗଣିଆରେ ପ୍ରବଳ ବିଦ୍ୟୁତ୍ ସମସ୍ୟା ଦେଖା ଦେଉଥିବାବେଳେ ଅଭିଯୋଗ କରିବାକୁ କେହି ନାହାନ୍ତି। ଫଳରେ ଖରାଦିନେ ନାନା ସମସ୍ୟା ଭୋଗୁଛନ୍ତି ବିଦ୍ୟୁତ୍ ଉପଭୋକ୍ତା। ଏପରିକି ଅନେକ ସମୟରେ ୧୦ ମିନିଟରେ ଥରେ ଘଣ୍ଟାକରେ ଥରେ ଏଭଳି ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଯାହାର ପ୍ରଭାବ ବିଭିନ୍ନ ବିଦ୍ୟୁତ୍ ଉପକରଣରେ ପଡୁଥିବା ଦେଖିବାକୁ ମିଳିଛି। ଏପରିକି ବିଦ୍ୟୁତ୍ ସର୍ଟ ସର୍କିଟ ମଧ୍ୟ ହେଉଛି। ରକ୍ଷଣାବେକ୍ଷଣ ଆଳରେ ମଧ୍ୟ ଘଣ୍ଟା ଘଣ୍ଟା ବିଦ୍ୟୁତ୍ ବିଚ୍ଛିନ୍ନ ହେଉଛି। ମଙ୍ଗଳବାର ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ବିଦ୍ୟୁତ୍ କାର୍ଟ କିଭଳି ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି।

## କାଜୁ ଚାଷୀ ସଂଘରେ ଅନିୟମିତତା ଅଭିଯୋଗ

ଓଡ଼ଗାଁ,୭।୪(ସମିସ): ନୟାଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ଅଞ୍ଚଳରେ କାର୍ଯ୍ୟରତ ବାବା ଫୁଲେଶ୍ୱର କାଜୁ ଚାଷୀ ସଂଘରେ ଆର୍ଥିକ ଅନିୟମିତତା ନେଇ ଗୁରୁତର ଅଭିଯୋଗ ଉଠିଛି। ସଂଘ ପୂର୍ବତନ କୋଷାଧ୍ୟକ୍ଷ ରାଜ କିଶୋର ସେନାପତିଙ୍କ ବିରୋଧରେ ପ୍ରାୟ ୫ ଲକ୍ଷ ୪୦ ହଜାର ଟଙ୍କା ଅନୁଚିତ ଭାବେ ରଖିଥିବା ଏବଂ ସଂଘର ସମ୍ପତ୍ତି ହସ୍ତାନ୍ତର ନ କରିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ଦାଖଲ ହୋଇଛି। ସଂଘର ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ଦେବରାଜ ବେହେରା ଏବଂ ବର୍ତ୍ତମାନ କୋଷାଧ୍ୟକ୍ଷ ଦାୟିତ୍ୱରେ ଥିବା ଦେବରାଜ ଡାକୁଆଙ୍କ ପକ୍ଷରୁ ଚଳିତ ମାସ ୬ ତାରିଖରେ ଏହି ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ୫୪ ଜଣ ଚାଷୀଙ୍କୁ ନେଇ ଗଠିତ ଏହି ସଂଘ ଓଏଫଡିସି (ଓଏଫ୍‌ଡିସି) ଅଧୀନରେ ଥିବା ପ୍ରାୟ ୧୦ରୁ ୧୧ଟି କାଜୁ ବଗିଚାକୁ ନିଲାମ ନେଇ ଚାଷ କରୁଥିଲା। ଏଥିରୁ ନାରିଆମ୍ବା, ଲୁହାରଖଣି, ସୀମା ବାମୁରୀ, ତୁରୁତୁରୀ ଓ କାପ୍ତାପଲୀ ବଗିଚାଗୁଡ଼ିକ ପୂର୍ବତନ କୋଷାଧ୍ୟକ୍ଷଙ୍କ ନାମରେ ନିଲାମ ହୋଇଥିଲା। ନିଲାମ ପ୍ରକ୍ରିୟା ପୂର୍ବରୁ ଅମାନତ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସଂଘ ପକ୍ଷରୁ ସେମାନଙ୍କୁ ମୋଟ ୫ ଲକ୍ଷ ୪୦ ହଜାର ୪୯୫ ଟଙ୍କା ଦିଆଯାଇଥିବା ଅଭିଯୋଗ ହେଉଛି। କିନ୍ତୁ ସେ ଏହାର ହିସାବ ଦେବା ପୂର୍ବରୁ ନିଜ ପଦବୀରୁ ଇସ୍ତଫା ଦେଇଥିବା ଓ ସଂଘ ନିୟମ ଉଲ୍ଲଂଘନ କରି କାପ୍ତାପଲୀ ଓ ବନ୍ଧସାହି ୨ଟି କାଜୁ ବଗିଚାକୁ ନିଜ ନାମରେ ନିଲାମ ନେଇଥିବା ଅଭିଯୋଗ ରହିଛି। ବର୍ତ୍ତମାନ ସଂଘ ପକ୍ଷରୁ ଏହି ଟଙ୍କା ଓ ବଗିଚା ହସ୍ତାନ୍ତର କରିବାକୁ ପୁଣିଥରେ ଦାବି କରାଯାଇଥିଲେ ମଧ୍ୟ, ସେ ଏଥିରେ ସହଯୋଗ କରୁନାହାନ୍ତି। କିନ୍ତୁ ସେ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ଅଶୋଭନୀୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏହା ସମ୍ବନ୍ଧରେ ଗତ ଡିସେମ୍ବର ମାସରେ ମଧ୍ୟ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ସେତେବେଳେ ତତ୍କାଳୀନ ଆଇଆଇସି ଅଭୟ ବେହେରା ଉଭୟ ପକ୍ଷକୁ ଡାକି ସମାଧାନ କରିଥିଲେ। କିନ୍ତୁ ସେହି ସମ୍ମତି ଅନୁଯାୟୀ କାମ ନହେବାରୁ ବର୍ତ୍ତମାନ ପରିସ୍ଥିତି ପୁନର୍ବାର ଜଟିଳ ଆକାର ଧାରଣ କରିଛି। ତଂଏନେଇ ସଂଘ ପକ୍ଷରୁ ଓଡ଼ଗାଁ ପୁଲିସଙ୍କୁ ତୁରନ୍ତ ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

**କୋଷାଧ୍ୟକ୍ଷଙ୍କ ବିରୋଧରେ ମାମଲା**

## ଶିଳାନ୍ୟାସରେ ଅଟକିଛି ଆହାର କେନ୍ଦ୍ର ଓ ମାର୍କେଟ କମ୍ପ୍ଲେକ୍ସ

ଖଣ୍ଡପଡ଼ା,୭।୪(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ସହ ଖଣ୍ଡପଡ଼ା ରାଜନୀତିରେ ବି ପରିବର୍ତ୍ତନ ଆସିଛି। ଦୀର୍ଘ ୨୫ ବର୍ଷ ଧରି କ୍ଷମତାରେ ଥିବା ବିଜେଡ଼ି ଶାସନରୁ ଚାଲିଯିବା ପରେ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କେବଳ ବିଧାୟକଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଏବେ ଶିଳାନ୍ୟାସ କରାଯାଉଥିବା ପରିଲକ୍ଷିତ ହେଉଛି। ଖଣ୍ଡପଡ଼ା ସହରର ୧୨ନଂ ୱାର୍ଡସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆହାର କେନ୍ଦ୍ର ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଗତ ବର୍ଷ ଏପ୍ରିଲ ୩୦ ତାରିଖରେ ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କ ଦ୍ୱାରା ଶିଳାନ୍ୟାସ ଉତ୍ସବ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଇତି ମଧ୍ୟରେ ଏକବର୍ଷ ବିତି ଯାଇଥିଲେ ହେଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେବଳ ଫଳକରେ ସୀମିତ ଥିବା ନେଇ ସାଧାରଣ ରେ ଚର୍ଚ୍ଚା ହେଉଥିବା ଜଣାପଡିଛି। ଅପରପକ୍ଷେ ଖଣ୍ଡପଡ଼ା ସହରର ଡାକ୍ତରଖାନା ଛକ ସ୍ଥିତ ୨ଟି କ୍ୟାବିନ ଗୃହରେ ଆହାର କେନ୍ଦ୍ରଟି ପ୍ରଥମରୁ ଅତି ଦୟନୀୟ ସ୍ଥିତିରେ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆହାର କେନ୍ଦ୍ର ପରିସରରେ ସ୍ଥାନ ଅଭାବରୁ ଭୋଜନ ଖାଇବା ନିମନ୍ତେ ଜନସାଧାରଣ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନୂତନ ଆହାର କେନ୍ଦ୍ର ନିର୍ମାଣ ସହ ମାର୍କେଟ କମ୍ପେ୍ଲକ୍ସ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## କଣ୍ଟିଲୋ କ୍ଲଷ୍ଟର୍‌ରେ ବୁଲିଲା ଶିକ୍ଷା ସଚେତନତା ରଥ



କଣ୍ଟିଲୋ,୭।୪(ସମିସ): ଖଣ୍ଡପଡା ବ୍ଲକ, କଣ୍ଟିଲୋ କ୍ଲଷ୍ଟର ଅଧୀନ ବିଦ୍ୟାଳୟମାନଙ୍କରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଳିତ ହୋଇଛି। ପ୍ରାଥମିକ ଶିକ୍ଷା ରୁ କେହି ଯେପରି ବଞ୍ଚିତ ନହୁଅନ୍ତି ଏ ନେଇ ଏକ ସଚେତନତା ରଥ ମଙ୍ଗରାଜପୁର, ରାକେଶିଆ, ସରପୋଖରୀ, ଗୋପୀନାଥପୁର, କଣ୍ଟିଲୋ ଆଦି ଗ୍ରାମ ପରିକ୍ରମା କରି ବେତାର ମାଧ୍ୟମରେ ସଚେତନ କରିଥିଲା। ସିଆର୍‌ସିସି ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

ନୟାଗଡ଼/ନୂଆଗାଁ,୭।୪(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା କୋରଡ଼ା ଗ୍ରାମରେ ବାଣ ବିସ୍ଫୋରଣ ଘଟଣାରେ ୬ ଜଣ ଗୁରୁତରଙ୍କ ମଧ୍ୟରୁ ଆଜି ପୁଣି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରଡ଼ା ଗ୍ରାମର ମୁଖ୍ୟ ବାଣ ନିର୍ମାଣ କାରୀ ହାଡ଼ିବନ୍ଧୁ ସେଠୀ। ପୂର୍ବରୁ କୋରଡ଼ା ଗ୍ରାମର ନିରଞ୍ଜନ ନାହାକ, ମୀନାଗାଡ଼ିଆ ଗ୍ରାମର ବାପି ନାୟକଙ୍କ ମୃତ୍ୟୁ ଘଟିଥିଲା। କୋରଡ଼ା ଗ୍ରାମର ହାଡ଼ିବନ୍ଧୁ ସେଠୀ ଏବଂ ତାଙ୍କ ପୁଅ ନବକିଶୋର ସେଠୀ ଦୀର୍ଘଦିନ ଧରି ବାଣ ନିର୍ମାଣ କରିବା ସହ ବ୍ୟବସାୟ କରି ଆସୁଥିଲେ। ହାଡ଼ିବନ୍ଧୁଙ୍କ ପତ୍ନୀ କୁନି ଦେଇ ଏହି କାରବାରର ମୁଖ୍ୟ କାର୍ପଟଦାର ଥିଲେ। ହଡ଼ିବନ୍ଧୁ ଘର ବାରିପଟ କଦଳୀ ବଗିଚା ନିକଟରେ ରହିଥିବା କୁଡ଼ିଆରେ ବାଣ ପ୍ରସ୍ତୁତ କରାଯାଉଥିଲା। ଏହି ବିସ୍ଫୋରଣରେ ହାଡ଼ିବନ୍ଧୁଙ୍କ ସମେତ ତାଙ୍କ ପୁଅ ନବ, କୋରଡ଼ା ଗ୍ରାମର ନିରଞ୍ଜନ ନାୟକ, ମୀନାଗାଡ଼ିଆ ଗ୍ରାମର ବାପି ନାୟକ, ମନୋଜ ନାୟକ ପଡ଼ୋଶୀ ଘରେ ରହି ପାଠ ପଢୁଥିବା ଗଞ୍ଜାମ ଅଞ୍ଚଳର ନାବାଳକ ଅମ୍ରିତ ସେଠୀ ଗୁରୁତର ହୋଇଥିଲେ। ଏବେ ସୁଦ୍ଧାର ହାଡ଼ିବନ୍ଧୁ ସେଠୀ, ବାପି ନାୟକ ଓ ନିରଞ୍ଜନ ନାହାକଙ୍କର ଭୁବନେଶ୍ୱରରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ହାଡ଼ିବନ୍ଧୁଙ୍କ ପତ୍ନୀ କୁନି ଦେଇ ସମେତ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏହି ଘଟଣା ଅତ୍ୟନ୍ତ ସମ୍ବେଦନ ଶୀଳ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବହୁଚର୍ଚ୍ଚିତ ବିକାଶ ହତ୍ୟା ଘଟଣା: ୬ ଅଭିଯୁକ୍ତ ଗିରଫ

ରଣପୁର,୭।୪(ସମିସ): ସୁର୍କାବାଡ଼ି ପଞ୍ଚାୟତ ସିନ୍ଦୁରିଆ ଗ୍ରାମରେ ଗତ ଜାନୁଆରୀ ୨୬ ତାରିଖରେ କାସନ୍ଦା ପଞ୍ଚାୟତ ବରପଲ୍ଲୀ ଗ୍ରାମର ଭୀମସେନ ପ୍ରଧାନଙ୍କ ସାନପୁଅ ବିକାଶ ପ୍ରଧାନ (୨୨)ଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା କାଣ୍ଡର ରହସ୍ୟ ପୁଲିସ ଉନ୍ମୋଚନ କରିବା ସହ ଏଥିରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଥିବା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ନେଇ ମୃତକଙ୍କ ଭାଇ ମାନସ ପ୍ରଧାନ ହତ୍ୟାକାଣ୍ଡ ସମ୍ପର୍କରେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ରଣପୁର ଥାନା ସିନ୍ଦୁରିଆ ଗ୍ରାମର ବ୍ରଜବନ୍ଧୁ ପ୍ରଧାନ (୫୫)ମାନସ ପ୍ରଧାନ (୨୩), ସୁଶାନ୍ତ ପ୍ରଧାନ (୨୫), ମନୋଜ କୁମାର ପ୍ରଧାନ (୨୦) ଓ ନରୋତ୍ତମ ପ୍ରଧାନ (୪୮)ଙ୍କୁ ଗିରଫ କରିଛି। ପ୍ରକାଶ ଥାଉକି ମୃତକ ଜଣଙ୍କ ସିନ୍ଦୁରିଆ ଗ୍ରାମର ବ୍ରଜ ପ୍ରଧାନଙ୍କ ମଝିଆଁ ଭାଇର ଝିଅ ସହିତ ବହୁ ଦିନ ହେବ ପ୍ରେମ ସମ୍ପର୍କ ଥିଲା। ସେମାନେ ପ୍ରାୟ ସମୟରେ ସେହି ଗ୍ରାମର ନିକଟବର୍ତ୍ତୀ ଅଞ୍ଚଳରେ ସାକ୍ଷାତ ହେଉଥିଲେ। ବଡ଼ ବାପା ବ୍ରଜ ଏହାକୁ ସହ୍ୟ କରି ପାରୁନଥିଲେ। ଗତ ଜାନୁୟାରୀ ୨୬ତାରିଖରେ ନିକଟସ୍ଥ କୋଦାଳପଲ୍ଲୀ ଗ୍ରାମରେ ଏକ ବିବାହ ଉତ୍ସବକୁ ବିକାଶ ଯୋଗଦେବାକୁ ଆସିଥିଲେ। ପୂର୍ବ ଯୋଜନା ଅନୁଯାୟୀ ବିକାଶ ପ୍ରେମିକାକୁ ଦେଖା କରିବାକୁ ଯାଇଥିଲେ। ଫେରିବା ବାଟରେ ବ୍ରଜ ବନ୍ଧୁଙ୍କ ସମେତ ଅନ୍ୟମାନେ ବିକାଶଙ୍କ ସହ ଯୁକ୍ତି ତର୍କ ହୋଇଥିଲେ। ସେହି ସମୟରେ ଏକ ଲାଠି ସାହାଯ୍ୟରେ ପ୍ରହାର ମଧ୍ୟ କରିଥିଲେ। ଘଟଣାସ୍ଥଳରେ ବିକାଶ ଟଳିପଡ଼ିଥିଲେ। ପରେ ଶବକୁ ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲେ। ପୁଲିସ ଘଟଣାର ଅନୁସନ୍ଧାନ କରି ବହୁ ବିଳମ୍ବରେ ଘଟଣାର ପର୍ଦ୍ଦାଫାସ କରିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡା, ଏସ୍‌ପି ଏସ୍ ସୁଶ୍ରୀ, ଡିଏସ୍‌ପି ନିହାର ରଞ୍ଜନ ମହାନ୍ତି, ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ ଉପସ୍ଥିତ ଥିଲେ।




## ବ୍ୟଙ୍ଗ କବି ରବୀନ୍ଦ୍ରଙ୍କୁ ଓଡ଼ିଆ ଗୌରବ ସମ୍ମାନ



ଗଣିଆ,୭।୪(ସମିସ): ମଧ୍ୟପ୍ରଦେଶ ଇନ୍ଦୋରଠାରେ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ଦ୍ୱାରା ଉତ୍କଳ ଦିବସ ସମାରୋହ ଇନ୍ଦୋର ସ୍ଥିତ ମେଡିକ୍ୟାପ୍ସ ଇନଭରସିଟି ଅଡିଟୋରିୟମ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର କୁମାର ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଆନନ୍ଦ ଅଗ୍ରୱାଲ, ସମ୍ମାନିତ ଅତିଥିଭାବେ ଶ୍ରୀନିବାସ ମିଶ୍ର, ସୂର୍ଯ୍ୟକାନ୍ତ କେଲକର ଏବଂ ଅନୁଷ୍ଠାନ ସଭାପତି ଡକ୍ଟର ଅଶୋକ ମହାନ୍ତି, ସମ୍ପାଦକ ଇଂ. ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ଉପଦେଷ୍ଟା ଡକ୍ଟର ଦିଲ୍ଲୀପ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଡକ୍ଟର ଜେ. ବି. ସାହୁ, ମୁଖ୍ୟ ସହଯୋଗୀ ଇଂ. ସନ୍ତୋଷ ମହାନ୍ତି ଏବଂ ଓଡ଼ିଶାର ସୁନାମ ଧନ୍ୟ ବ୍ୟଙ୍ଗ କବି ତଥା ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତ ପ୍ରମୂଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ସୁନାମ ଧନ୍ୟ ବ୍ୟଙ୍ଗ କବି ତଥା ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତଙ୍କୁ ସମ୍ମାନଜନକ ''ଓ?ଆ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଇନ୍ଦୋରରେ ବସବାସ କରୁଥିବା ପ୍ରାୟଦେଢ଼ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଭାଇ ଭଉଣୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ତଳୁ ଉପର ଯାଏଁ କମିଶନ କାରବାର
# କମ୍ବଳ ଓ ବାଲ୍‌ଟିରେ ସୀମିତ ଅଙ୍ଗନବାଡ଼ି ଅଗ୍ନି ନିରାପତ୍ତା

ନୟାଗଡ଼,୭।୪(ସମିସ)

ନୟାଗଡ଼ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ କିଛି କର୍ମଚାରୀଙ୍କ ପକେଟ୍ ମଙ୍ଗଳ ପାଇଁ କାର୍ଯ୍ୟ କରୁଛି। ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ବିଭାଗ ଏବେ ଠିକା କର୍ମଚାରୀଙ୍କ ବିକାଶ ଭାବେ ଜଣାଶୁଣା ହୋଇଛି। ଉକ୍ତ କାର୍ଯ୍ୟାଳୟ କିଛି ଠିକା କର୍ମଚାରୀ ବରିଷ୍ଠ ଅଧିକାରୀଙ୍କୁ ହାତ ବାରିଶ କରି ଶିଶୁ ସ୍ୱାର୍ଥ ବଦଳରେ ନିଜ ସ୍ୱାର୍ଥକୁ ପ୍ରତିପାଦିତ କରୁଛନ୍ତି। ନୟାଗଡ଼ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଅଗ୍ନି ନିରାପତ୍ତା ପାଣ୍ଠିକୁ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ଗୋଟିଏ ଶସ୍ତା କମ୍ବଳ ଓ ବାଲଟି ଧରାଇ ସରକାର ଅର୍ଥକୁ ବାଟମାରଣା କରାଯାଇଛି। ନୟାଗଡ଼ ଜିଲ୍ଲାରେ ୧୫୮୪ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ତା ମଧ୍ୟରୁ ୧୦୪୦ଟି କେନ୍ଦ୍ରର ନିଜସ୍ୱ ଗୃହ ରହିଥିବା ବେଳେ ଅନ୍ୟ କେନ୍ଦ୍ର ଗୁଡ଼ିକ କେଉଁଠି ଗାଁ କୋଠଘର ତ ପୁଣି କେଉଁଠି ସ୍କୁଲ ବାରଣ୍ଡାରେ ଚାଲୁଛି। ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଅଗ୍ନି ନିରାପତ୍ତା ସାମଗ୍ରୀ କିଣିବା ପାଇଁ ରାଜ୍ୟ ସରକାର ୧ ହଜାର ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରିଥିଲେ। ଏହି ଅନୁଦାନ ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ବିଭାଗ ସମସ୍ତ ସିଡିପିଓ ଜରିଆରେ ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରଦାନ କରିଥାନ୍ତା। ମାତ୍ର ସେଭଳି କରାନଯାଇ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ଅର୍ଥକୁ ହରିଲୁଟ ଉଦ୍ଦେଶ୍ୟରେ ଭିନ୍ନ ରାସ୍ତା ଆପଣା ଯାଇଛି। ଉକ୍ତ ଅର୍ଥକୁ କୌଣସି ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ ପ୍ରଦାନ କରି ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ଏକ ଶସ୍ତା କମ୍ବଳ ଏବଂ ଏକ ନାଲି ରଙ୍ଗ ମରା ବାଲଟି ଦିଆଯାଇଛି। ଯାହାକୁ ନେଇ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡ଼ି କର୍ମୀ ଏବେ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ, ପୂର୍ବତନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଏବଂ ଜଣେ ବରିଷ୍ଠ ଅଧିକାରୀଙ୍କ ପୃଷ୍ଠପୋଷକତାରେ ଏହି ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ କମ୍ବଳ ଏବଂ ବାଲଟି ମୂଲ୍ୟ ୫ ଶହରୁ ଅଧିକ ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି। ବଳକା ଅର୍ଥକୁ ଚଳୁ କରାଯାଇଥିବାରୁ ଜିଲ୍ଲାରେ ଅସନ୍ତୋଷର ବହ୍ନି ଜଳୁଛି। ଶିଶୁଙ୍କ ଜୀବନ ବାଜିରେ ଲାଗିଥିବା ବେଳେ ବାଲଟି ଓ କମ୍ବଳରେ କିଭଳି ଅଗ୍ନି ନିରାପତ୍ତା ଗ୍ରହଣ କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି। ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ଅଗ୍ନି ନିରାପତ୍ତା ଫୋମ୍ ସ୍ପ୍ରେ ସିଲିଣ୍ଡର ଯୋଗାଣ କରାଯିବା ବଦଳରେ କାହିଁକି କମ୍ବଳ ଓ ବାଲଟି ଯୋଗାଣ କରାଗଲା ବୋଲି ପ୍ରଶ୍ନ ଉଠିଛି। ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ କାଠ ଚୂଲା କିମ୍ବା ଗ୍ୟାସ ଯୋଗେ ରନ୍ଧନ ଖାଦ୍ୟ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଦିନ ରୋଷେଇ କରିବା ସମୟରେ ଶିଶୁମାନେ ନିକଟରେ ପାଠ ପଢୁଛନ୍ତି। ସରକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ଅର୍ଥ ପ୍ରଦାନ କରିଥିବା ବେଳେ ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ବିଭାଗ ଏଭଳି ଭିତିରିଆ ପକେଟ ଗରମ ଉଦ୍ୟମ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ପ୍ରତିକ୍ରିୟା ନେବାକୁ ତାଙ୍କୁ କାର୍ଯ୍ୟାଳୟରେ ଭେଟିବା ପରେ, ସେ କୌଣସି ତଥ୍ୟ ଜାଣିନଥିବା କହିଛନ୍ତି। ଏ ବାବଦରେ ବଡ଼ ବାବୁ କିମ୍ବା ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ କହି ପାରିବେ ବୋଲି କହିଛନ୍ତି।




**ଠିକା କର୍ମଚାରୀଙ୍କ ମାମଲତିରେ ଚାଲୁଛି ଜିଲ୍ଲା**

# ତ୍ରୟୋଦଶ ଶମ୍ଭୁଦଣ୍ଡ ମହାମିଳନ ପାଇଁ ଚଳଚଞ୍ଚଳ ନିରାକାରପୁର

ନିରାକାରପୁର, ୭।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଆସନ୍ତା ୯ ତାରିଖରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେବାକୁ ଯାଉଛି। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ ବହୁ ପ୍ରତିକ୍ଷିତ ତ୍ରୟୋଦଶ ଶମ୍ଭୁ ଦଣ୍ଡ ମହାମିଳନ। ଏହି ବିରାଟ ସମାରୋହରେ ଅଞ୍ଚଳର ୧୩ରୁ ଉଦ୍ଧ୍ୱର୍ ପ୍ରତିଷ୍ଠିତ ଶୈବପୀଠରୁ ପ୍ରଭୁଙ୍କ ପଟୁଆର ଏକତ୍ରିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମହାମିଳନ ଉତ୍ସବରେ ବିଭିନ୍ନ ଗ୍ରାମର ପ୍ରମୁଖ ଦେବତାମାନେ ନିଜ ନିଜର ଭବ୍ୟ ପଟୁଆର ସହ ଯୋଗଦେବେ। ସେମାନଙ୍କ ମଧ୍ୟରେ ଅଛନ୍ତି ନିରାକାରପୁରର ନୀଳକଣ୍ଠେଶ୍ୱର ଦେବ (ଥାନାପତି), ଲେଣ୍ଟୁର ଚନ୍ଦନେଶ୍ୱର ଦେବ, ଷୋଡରପୁର କପିଳେଶ୍ୱର ଦେବ, ବାଦୁରବର କୁମୁଦେଶ୍ୱର ଦେବ, ବୋଦଙ୍ଗରା ଲୋକନାଥ ଦେବ, ହରିପୁର ବିଶ୍ୱନାଥ ଦେବ ଏବଂ ଅନ୍ୟାନ୍ୟ ଶୈବପୀଠର ଠାକୁର। ସମସ୍ତ ଠାକୁର ପ୍ରଥମେ ନିରାକାରପୁର ଥାନାପତି ନିଳକଣ୍ଠଶ୍?ର ଦେବଙ୍କ ପଡିଆରେ ପହଞ୍ଚିବେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ହାଇସ୍କୁଲ ପଡ଼ିଆକୁ ଆଗମନ କରିବେ। ଭକତାମାନଙ୍କ ଦ୍ୱାରା ପ୍ରଭୁଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କଳାକୌଶଳ ପୂର୍ଣ୍ଣ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରାଯିବ। ରାତିରେ ରଙ୍ଗାରଙ୍ଗ ଆତସବାଜିରେ ଆକାଶ ଝଲସି ଉଠିବ।

# ପାଇପ୍ ଫାଟି ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ

ବାଣପୁର,୭।୪(ସମିସ): ବର୍ତ୍ତମାନ ବୈଶାଖ ମାସ ଚାଲିଥିବା ବେଳେ ଦିନକୁ ଦିନ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବା ସହିତ ପାନୀୟ ଜଳର ଅଭାବ ଦେଖାଦେଇଛି। ଏପରିସ୍ଥଳେ ଜଳ ଯୋଗାଣ ବିଭାଗର ଦାୟୀତ୍ୱ ହୀନତା ଯୋଗୁଁ ଦୀର୍ଘ ୫ଦିନ ହେବ ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ପାଇପ ଫାଟି ଯିବାରୁ ରାସ୍ତା ସାରା ପାନୀୟ ଜଳ ଭାସି ନଷ୍ଟ ହେଉଥିବା ବେଳେ ପାନୀୟ ଜଳ ପାଇଁ ଜନସାଧାରଣ ତହଲ ବିକଳ ହେଉଥିବା ଅଭିଯୋଗ ହେଉଛି। ବାଣପୁରର ଗମ୍ଭାରୀମୁଣ୍ଡା ବଜାର ପଶ୍ଚିମ ପାଶ୍ୱର୍ ମାଛ ବଜାର ଶଙ୍ଖ ନିକଟ ରାସ୍ତା କଡ ଦେଇ ଯାଇଥିବା ପାନୀୟ ଜଳ ଯୋଗାଣ ପାଇପ ଫାଟି ଯାଇଥିବାରୁ ରାସ୍ତାରେ ପାଣି ଭସୁଥିବା ସ୍ଥଳେ ଘରକୁ ଜଳ ଯୋଗାଣ ବ୍ୟାହତ ଘଟିଛି। ସକାଳ ସମୟରେ ପାଇପରେ ପାଣି ଆସୁଥିବାରୁ ରାସ୍ତାରେ ପାଣି ଜମା ହୋଇ ରହିବାରୁ ବଜାରକୁ ଆସୁଥିବା ଲୋକଙ୍କ ସହ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ମାନେ ଯାତାୟତ କରିବାରେ ବହୁ ହଇରାଣ ହରକତ ହେଉଛନ୍ତି। ପାଇପ ଫାଟି ଯିବାରୁ ଜଳଯୋଗାଣରେ ବ୍ୟାହତ ଘଟି ୫ ଦିନ ହେଲା ପାଣି ନପାଇ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଫଳରେ ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢିବାରେ ଲାଗିଛି। ଏ ସମ୍ପର୍କରେ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ ସେ କହିଥିଲେ ଯେ, ଏନେଇ କୌଣସି ଅଭିଯୋଗ ଆସି ନାହିଁ, ବର୍ତ୍ତମାନ ଜାଣିବାକୁ ପାଇଲି। ଦୁଇ ଦିନ ମଧ୍ୟରେ ପାଇପ ମରାମତି କରି ଜଳ ଯୋଗାଣକୁ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି।

# ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ନିରାକାରପୁର,୭।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଆର୍ଯ୍ୟବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତମ ସାମ୍ବତ୍ସରିକ ଉତ୍ସବ ଓ ମୁଖପତ୍ର "ଉପାୟନ"ର ଷଷ୍ଠ ବାର୍ଷିକ ସଂସ୍କରଣ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷା ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡ. ମର୍କତ କେଶରୀ ରାୟ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. ନିରଞ୍ଜନ ପାଢ଼ୀ ଯୋଗଦେଇ ଶିଶୁର ବ୍ୟକ୍ତିତ୍ୱ ଗଠନରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଟାଙ୍ଗୀ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସାଫଲ୍ୟକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ଉର୍ମିଳା ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ସୁନାମଧନ୍ୟ ମଞ୍ଚ ସଞ୍ଚାଳକ ଡ. ମୃତ୍ୟୁଞ୍ଜୟ ରଥ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ସହ ଅତିଥି ପରିଚୟ ଦେଇଥିଲେ। ପ୍ରଧାନାଚାର୍ଯ୍ୟା ନଳିନୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଶୁଭେଚ୍ଛୁ ତଥା କର୍ମକର୍ତ୍ତା ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ, ଶ୍ୟାମା ପ୍ରସାଦ ମିଶ୍ର ଓ ବିଜୟ କୁମାର ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ୧୮ ରେ ରାଜ୍ୟସ୍ତରୀୟ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ

ବେଗୁନିଆ,୭।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଗୋପୀନାଥ ଦେବଙ୍କ ପୀଠରେ ତିନି ଦିନ ଧରି ଷଷ୍ଠ ବାର୍ଷିକ ରାଜ୍ୟ ସ୍ତରୀୟ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୧୮ ରୁ ଆରମ୍ଭ ହୋଇ ୨୦ ତାରିଖରେ ଉଦଯାପିତ ହେବ। ଏଥିରେ ବଡବେରଣା ଗୋପୀନାଥ ଦେବ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟକ ସୁଧାଂଶୁ ଶେଖର ମହାପାତ୍ର, ଅଖିଳ ବେହେରା, ଅଭିଜିତ ହୋତା, ଖୋର୍ଦ୍ଧା ଇଟିପୁର ମହାବୀର ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳର ଗାୟକ କୃଷ୍ଣ ଚନ୍ଦ୍ର ଗୋଚ୍ଛାୟତ, ଖୋର୍ଦ୍ଧା ନୂଆଗାଁ ଗୋପାଳ ଜୀଉ ସଙ୍କୀର୍ତ୍ତନ ମଣ୍ଡଳ ଗାୟକ ସୁଧାଂଶୁ ଶେଖର ସାମନ୍ତସିଂହାର, ଭାଗବତ ବାସୁଦେବ ସଙ୍କୀର୍ତ୍ତନ ମଣ୍ଡଳ ଖୋର୍ଦ୍ଧା ବୋଲଗଡ ଅସରଳା ଗାୟକ ରତ୍ନ ମାୟାଧର ହୋତା, ନୟାଗଡ଼ କଜଳିଆପଲ୍ଲୀ ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ଗାୟକ ରସ ବିଶାରଦ ଚନ୍ଦ୍ରମଣି ମାଝୀ, ବାବା ବିଶ୍ୱନାଥ ସଙ୍କୀର୍ତ୍ତନ ମଣ୍ଡଳୀ ଇଟିଲୋ ନିମାପଡ଼ା ଗାୟକ ରାଜଲକ୍ଷ୍ମୀ ବାରିକ(ଲୁସି) ଓ ବାବା ପଞ୍ଚମୁଖି ଓଡ଼ିଶୀ ସଙ୍କୀର୍ତ୍ତନ ମଣ୍ଡଳୀ ବଡତୋଟା ଗାୟକ ଦିବ୍ୟଜ୍ୟୋତି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟହ ଅପରାହ୍ନ ୪ ଘଟିକାରୁ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ବିଦଗ୍ଧ କଳାକୁ ପରିବେଷଣ କରିବେ।

# 'ରାୟରାମାନନ୍ଦ ଥିଲେ ଗୋଟିପୁଅ ନୃତ୍ୟର ପ୍ରବର୍ତ୍ତକ'

ଖୋର୍ଦ୍ଧା,୭।୪(ସମିସ): ସ୍ଥାନୀୟ ଜେଲରୋଡ଼ସ୍ଥିତ ଶ୍ୟାମ ମାଧବ ବାସନ୍ତୀ ପାଠାଗାର ସଭାଗୃହରେ ରାୟରାମାନନ୍ଦ ସ୍ମୃତିପରିଷଦ ଭୁବନେଶ୍ୱର ଓ ପ୍ରାଥମିକ ସାହିତ୍ୟ ସମାଜର ମିଳିତ ସହଯୋଗରେ

## ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ଦିବସ ପାଳିତ

ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ଦିବସ ପାଳିତ ହୋଇଛି। ରାୟରାମାନନ୍ଦଙ୍କର ନବମ ପିଢିର ଦାୟାଦ ତଥା ରାୟରାମାନନ୍ଦ ସ୍ମୃତି ପରିଷଦ ଓଡ଼ିଶାର ରାଜ୍ୟ ସଭାପତି ଡ଼ଃ.ଦିଲ୍ଲୀପ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ପ୍ରାଥମିକ ସାହିତ୍ୟ ସମାଜର ସଭାପତି ଡ଼ଃ. ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଓଡ଼ିଶୀ ସଂଗୀତ ବିଶାରଦ ଡ଼ଃ କିର୍ତନ ନାରାୟଣ ପାଢୀ, ସମ୍ମାନୀତ ଅତିଥିଭାବେ ପ୍ରାଥମିକ ସାହିତ୍ୟ ସମାଜର ପ୍ରତିଷ୍ଠାତା ବୈକୁଣ୍ଠନାଥ ରାଜଗୁରୁ, ଆଲୋଚକ ଭାବେ ଗବେଷକ ସତ୍ୟବାଦୀ ବଳିଆରସିଂହ, ଡ଼ା.ବାସୁଦେବ ପାତ୍ର, ପ୍ରମୋଦ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ରାୟରାମାନନ୍ଦଙ୍କ ଜୀବନୀ ଉପରେ ତଥ୍ୟ ପ୍ରଦାନ କରିଥିଲେ।

ପୁରୀ ଜିଲ୍ଲା ବ୍ରହ୍ମଗିରି ନିକଟ ବେଂଟପୁର ଗ୍ରାମରେ ଜନ୍ମିତ ରାୟରାମାନନ୍ଦ ଏକାଧରରେ ଜଣେ ପରମବୈଷ୍ଣବ, ଦାର୍ଶନିକ, କବି, ନାଟ୍ୟକାର, ସଙ୍ଗୀତଜ୍ଞ ଏବଂ ଜଣେ ଦକ୍ଷ ପ୍ରଶାସକ। ଓଡ଼ିଶାର ପ୍ରଥମ ନାଟ୍ୟକାର ରୂପେ ପରିଗଣିତ ହୋଇଥିବା ଜଗମୋହନ ଲ୍ଲାଲ୍ଙ୍କ ଶହ ଶହ ବର୍ଷ ପୂର୍ବରୁ ସେ ଜଗନ୍ନାଥ ବଲ୍ଲଭ ନାମରେ ଏକ ସଂସ୍କୃତ ନାଟକ ରଚନା କରି ଏହାକୁ ନିଜ ନିର୍ଦ୍ଦେଶନାରେ ଶ୍ରୀମନ୍ଦିର ବେଢାରେ ପ୍ରଦର୍ଶିତ କରାଇଥିଲେ। ତତ୍କାଳୀନ ସମୟରେ ନାରୀ ମାନଙ୍କର ଗୀତିନାଟ୍ୟ, ଦେବଦାସୀ ନୃତ୍ୟ କରିବା ପାଇଁ କଟକଣା ଥିବାରୁ ସେ ପୁରୁଷ କଳାକାରମାନଙ୍କୁ ନେଇ ରାଧାକୃଷ୍ଣ ଲୀଳା ଆଦି ଅଭିନୟରେ ଅଭିନୟ କରାଇବା ପାଇଁ ପ୍ରୟାସ କରିଥିଲେ। ପ୍ରଥମେ ଏହି ଅଭିନୟ ରଘୁରାଜପୁରରେ ଅଭିନିତ ହୋଇ ପରବର୍ତୀ ସମୟରେ ଗୋଟିପୁଅ ନୃତ୍ୟ ନାମରେ ସମଗ୍ର ଉତ୍କଳର ପୁରପଲ୍ଲୀକୁ ବ୍ୟାପିଯାଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ରାୟରାମାନନ୍ଦ ସ୍ମୃତି ପରିଷଦର ସମ୍ପାଦକ ସମ୍ବିତ୍ ପଟ୍ଟନାୟକ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରେବତୀ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଡ଼.ନିଳାଦ୍ରୀ ନାଥ ଜଗଦେବ, ବିକ୍ରମ ଚମ୍ପତିଙ୍କ ସଂଯୋଜନାରେ ମୋ ଭାଷା, ମୋ ଓଡ଼ିଶା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ରାୟରାମାନନ୍ଦଙ୍କ ସ୍ମୃତି ପରିଷଦ ତରଫରୁ ଡ଼.ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ବୈକୁଣ୍ଠ ନାଥ ରାଜଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। କଳାବିନୋଦ ଚେତନା ପରିଷଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଏବଂ ସଭାନେତ୍ରୀ ଗାୟତ୍ରୀ ବୋଷ ଧନ୍ୟବାଦ ଦେଇଥିଲେ।

# ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖୋର୍ଦ୍ଧା,୭।୪(ସମିସ): ସଦର ଥାନା ଅନ୍ତର୍ଗତ କୁରାଡମଲ୍ଲ ଏକ ଡାବା ନିକଟ ଆମ୍ବଗଛରୁ ପୁଲିସ ଜଣେ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ହାତିଓଟର ଅଭିରାମ ପ୍ରଧାନ (୪୯)। ଅଭିରାମ ୧୦ଦିନ ହେବ ଘରୁ ଆସି ସ୍ଥାନୀୟ ଅଞ୍ଚଳରେ ଏକ ଚିଙ୍ଗୁଡି କମ୍ପାନୀରେ କାର୍ଯ୍ୟକରୁଥିଲା। ତେବେ କୁରାଡମଲ୍ଲ ନିକଟ ଏକ ଆମ୍ବଗଛରେ ଲୁଙ୍ଗିରେ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଁଚି ମୃତଦେହକୁ ଉଦ୍ଧାର କରି ଶବବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅବ୍ୟବହୃତ ତାଲତୁମ୍ବ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଆବାସ

# ନିର୍ମାଣକୁ ୮ ବର୍ଷ ବିତିଲା; ମିଳୁନି ଚାବି

ଖୋର୍ଦ୍ଧା,୭।୪(ସମିସ): ସରକାର କର୍ମଚାରୀମାନେ କାର୍ଯ୍ୟସ୍ଥଳରେ ରହି ଲୋକଙ୍କୁ ସେବା ଯୋଗାଇବା ପାଇଁ କୋଟି କୋଟି ଟଙ୍କା ବିନିଯୋଗ କରି କର୍ମଚାରୀ ଆବାସ ସରକାର ନିର୍ମାଣ କରିଛନ୍ତି। କିନ୍ତୁ ଏହା ନିର୍ମାଣ ପର ଠାରୁ ବ୍ୟବହାର ନ ହୋଇ ପଡି ରହିଛି। ଫଳରେ ସରକାରୀ କର୍ମଚାରୀମାନେ ଏହା ଆଳ ଦେଖାଇ ଘରକୁ ପ୍ରତିଦିନ ଯିବାଆସିବା କରିବା ଫଳରେ ଜନସେବାରେ ଊଣା ହେଉଥିବା ଦେଖାଯାଉଛି। ଏପରି ଅବସ୍ଥା ଏବେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ତାଲତୁମ୍ବ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଦେଖାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଆବାସ ଖତ ଖାଉଛି। ଏଠି ନିର୍ମାଣ ସମ୍ପୂର୍ଣ୍ଣ ହୋଇ ୮ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ସ୍ଥାନୀୟ କମିଟିଙ୍କୁ ଏହା ଚାବି



ମିଳୁନଥିବାରୁ ଏହା ଏବେ ବ୍ୟବହାର ନହୋଇ ଅବ୍ୟବହୃତ ଅବସ୍ଥାରେ ପଡି ରହିଛି। ଆବାସ ନିକଟରେ ଲତାବୁଦା ମାଡ଼ି ଭୂତ କୋଠି ପାଲଟି ଗଲାଣି। ତେବେ ଘର ଭିତର ଅବସ୍ଥା କିପରି ଥିବ ତାହା ସାଧାରଣରେ ଅନୁମେୟ। ସ୍ଥାନୀୟ ସରପଂଚ ପ୍ରଦୀପ ବାରିକ ଓ ସମିତିସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ଉକ୍ତ ନିର୍ମାଣ ହୋଇଥିବା କର୍ମଚାରୀ ଆବାସକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିବା ପାଇଁ ଦାବି କରିଥଲେ ମଧ୍ୟ କୌଣସି ସୁଫଳ ମିଳିନି। ବୋଲଗଡ ପଂଚାୟତ ସମିତି ସପ୍ତମ ଅଧିବେଶନରେ ଏହି ଘଟଣାକୁ ଉତଥାପନ କରାଯାଇ ସିଡିଏମଓ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାର ବ୍ଲକ ଉପାଧ୍ୟକ୍ଷ ଶ୍ରୀ ସାହୁ କହିଛନ୍ତି। ଏହି କର୍ମଚାରୀ ଆବାସ ହସ୍ତାନ୍ତର ନେହେବା କାରଣରୁ ଡାକ୍ତରମାନେ ରହିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସେବାକୁ ସରକାର ଉପଲବ୍ଧି କରି ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହେଉଛି।

# ଯୁବ ସମାଜସେବୀଙ୍କ ବିୟୋଗରେ ଶୋକ

ବେଗୁନିଆ,୭।୪ (ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ଗ୍ରାମର କମିଟିର ସଭାପତି ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ବଡ଼ପୁଅ ବିଜୟାନନ୍ଦ(୪୦)ଙ୍କର ଭୁବନେଶ୍ୱରରେ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମାଜସେବୀ ଶ୍ରୀକାନ୍ତ ତ୍ରିପାଠୀ, ଭାବଗ୍ରାହୀ ପାଣିଗ୍ରାହୀ, ଭାଗବତ ମହାପାତ୍ର କାହ୍ନୁ ଚରଣ ବେହେରା ଓ ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରାଙ୍କ ସମେତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ମର ଶରୀରକୁ ବ୍ୟବଚ୍ଛେଦ କରାଯାଇ ଗ୍ରାମ୍ୟ ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା ଶୋକାକୂଳ ପରିବେଶ ମଧ୍ୟରେ ସମାପନ ହୋଇଥିଲା।

# କାଳବୈଶାଖୀ : ଅସରାଏ ବର୍ଷାରେ ଲୋକେ ଆଶ୍ୱସ୍ତି

ବାଲୁଗାଁ, ୭।୪(ସମିସ): ତିନି ଦିନ ହେବ ଦିନ ତମାମ ପାଗ ଶୁଖିଲା ରହିବା ସହ ଖରା ଓ ଗରମ ଅନୁଭୂତ ହେଉଥିବା ବେଳେ ଅପରାହ୍ନରେ ଅନେକ ସ୍ଥାନରେ ଘଡ଼ ଘଡ଼ି ସହ ଝଡ଼ ତୋଫାନ ସାଙ୍ଗକୁ କାଳ ବୈଶାଖୀର ଅସରାଏ ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ବୈଶାଖ ମାସ ଆରମ୍ଭରୁ ରାଜ୍ୟର ପ୍ରାୟତଃ ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ଝଡ ତୋଫାନରେ ବହୁ କ୍ଷୟ କ୍ଷତି ଘଟୁଛି। ବିଶେଷତଃ କାଳ ବୈଶାଖୀ ପ୍ରଭାବରେ ପବନ ବର୍ଷା ଯୋଗୁଁ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ଯୋଗାଣ ସେବା ବ୍ୟାହତ ଘଟୁଥିଲା। ହେଲେ ମାସ ଆରମ୍ଭରେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ଓ ବାଣପୁର ବ୍ଲକ ଅଞ୍ଚଳରୁ କାଳବୈଶାଖୀ ବର୍ଷା କେଉଁଆଡ଼େ ଉଭେଇ ଯାଇଥିବା ବେଳେ ରବିବାର, ସୋମବାର ଓ ମଙ୍ଗଳବାର ସଂଧ୍ୟାରେ ମଧ୍ୟ ଅସରାଏ ଭଲ ବର୍ଷା ହୋଇଥିବାରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

# ଶିକ୍ଷା ସଚେତନତା ରଥକୁ ସ୍ୱାଗତ

ଟାଙ୍ଗୀ, ୭।୪(ସମିସ) : ଏପ୍ରିଲ ୪ ତାରିଖରୁ ଆରମ୍ଭ ହୋଇଥିବା ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ "ଶିକ୍ଷା ସଚେତନତା ରଥ"କୁ ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଭବ୍ୟ ସ୍ୱାଗତ କରାଯାଇଛି। ମୁକ୍ତେଶ୍ୱର ଦେବ କ୍ଲଷ୍ଟରର ମଙ୍ଗଳାଯୋଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ରାଉଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଭ୍ରମଣ କରି ଶିକ୍ଷା ସଚେତନତା ରଥ ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଓ ଅଭିଭାବକମାନେ ଶିକ୍ଷା ସଚେତନତା ରଥକୁ ଝୋଟି, ପୂର୍ଣ୍ଣକଳସ, ପୁଷ୍ପ, ଧୂପ, ଦୀପ ସହ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ଲିଲିପ୍ସା କୁମାରୀ ଜେନା ଶିକ୍ଷା ରଥକୁ ବନ୍ଦାପନା କରିବା ସହ ଶିକ୍ଷିକା ପ୍ରତିମା ସାହୁ ହୁଳହୁଳି ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସଲିଲ ସ୍ୱାଇଁ, ମାଧବ ମହାରଣା, ପ୍ରସନ୍ନ ମଙ୍ଗରାଜ, ଅମିତ୍ ଚକ୍ରବର୍ତ୍ତୀ, ପ୍ରଶାନ୍ତ ସାହୁ, ଚିନ୍ମୟ ଚିନ୍ତନ ବାରିକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟ ନାରାୟଣ ପ୍ରଧାନ ସହଯୋଗ କରିବା ସହ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୭।୪(ସମିସ): ସ୍ଥାନୀୟ ଠେଙ୍ଗାହାଟ ଛକ ତାରିଣୀ ମନ୍ଦିର ନିକଟରୁ ଆଦର୍ଶ ଥାନା ପୁଲିସ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ସରପାରୀ ର ରତ୍ନାକର ବେହେରା ଓରଫ ରତେଇ (୪୧)। ତା ଠାରୁ ୧୦ଗ୍ରାମ ବ୍ରାଉନସୁଗର, ଏକ ବାଇକ୍ ଓ ଏକ ମୋବାଇଲ କୁ ଜବତ କରିଛି। ପ୍ରକାଶ ଥାଉକି, ରତ୍ନାକର ଆଜି ଦିନ ପ୍ରାୟ ୧୨ଟାବେଳେ ତାରିଣୀ ମନ୍ଦିର ନିକଟରେ ବ୍ରାଉନସୁଗର ଧରି ଠିଆ ହୋଇଥିବାବେଳେ ପୁଲିସ ଚଢଉ କରିଥିଲା। ଚଢଉବେଳେ ସେ ପୁଲିସ କୁ ଦେଖି ପଳାଇବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ତାକୁ କାବୁ କରିଥିଲା। ଏସ୍‌ଆଇ ବସନ୍ତ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ଟାଙ୍ଗୀ, ୭।୪(ସମିସ): ଟାଙ୍ଗୀ ବ୍ଲକ କୁହୁଡି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁହୁଡି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ସ୍ଥାନୟ ଅଞ୍ଚଳର ସ୍ୱାସ୍ଥ୍ୟସେବାରେ ନିୟୋଜିତ ରହି ଡାକ୍ତର ଟୁନି ମହାରଣା ବେଶ ପ୍ରଶଂସା ସାଉଁଟିଛନ୍ତି। ଏଣୁ ଆଜିର କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳ ତରଫରୁ ଡାକ୍ତର ମହାରଣାଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ ଯାଇଛି।

# ଉତ୍କଳ ସମ୍ମିଳନୀ ପକ୍ଷରୁ ବର୍ଣ୍ଣବୋଧ ବହି ବଣ୍ଟନ

ଖୋର୍ଦ୍ଧା,୭।୪(ସମିସ): ଓଡିଆ ପକ୍ଷ ପାଳନ ଅବସରରେ ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଓଡ଼ିଆ ଭାଷା ଓ ସଂସ୍କୃତିରେ ସଚେତନତା ଏବଂ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବର୍ଣ୍ଣବୋଧ ବହି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଡ. ବିମଳ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ବହି ବାଂଟି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ, ଉମାଶଙ୍କର ପ୍ରସାଦ, ଅଧିବକ୍ତା ବିକ୍ରମ କେଶରୀ ଚମ୍ପତି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଶିକ୍ଷୟତ୍ରୀ ସୃଜନିକା ମହାପାତ୍ର, ସୁଦୀପ୍ତା ପଟ୍ଟନାୟକ, ସୁଜାତା ବେହେରା, ସୋନାଲି ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ଦଣ୍ଡଯାତ୍ରା ପରିବେଷଣରେ ଅଞ୍ଚଳ ଉତ୍ସବମୁଖର

ବାଲୁଗାଁ, ୭।୪(ସମିସ) : ସମଗ୍ର ବାଲୁଗାଁ ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଉମାମହେଶ୍ୱର ଦେବ, ବଡ଼କୁଳ ଆରାଧ୍ୟ ଦେବ ଶ୍ରୀ ରାମେଶ୍ୱର ଦେବ, ବାଣପୁର ଗାଲୁଆ ସ୍ଥିତ ଶ୍ରୀ ଗୁପ୍ତେଶ୍ୱର ଦେବ ଓ ଶ୍ରୀ କଳିଯୁଗେଶ୍ୱର ଦେବ ଆଦି ଶୈବ ପୀଠର ଦଣ୍ଡ ଠାକୁର ଚୈତ୍ର ମାସରେ ଆବିର୍ଭାବ ହୋଇ ୨୧ ଦିନ ବ୍ୟାପି ଦଣ୍ଡଯାତ୍ରା ଉତ୍ସବ ମହା ସମାରୋହରେ ଚାଲି ପଣା ସଂକ୍ରାନ୍ତି ତଥା ବିଷୁଭ ସଂକ୍ରାନ୍ତିରେ ଉଦଯାପିତ ହେବ। ଗ୍ରାମେ ଗ୍ରାମେ ଦଣ୍ଡ ଯାତ୍ର ପରିବେଷଣ ହେବାରେ ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି। ଏପରି କି ପଡ଼ୋଶୀ ଗଂଜାମ, ପୁରୀ ଓ ନୟାଗଡ଼ ଜିଲ୍ଲାରୁ ଅଞ୍ଚଳକୁ ଦଣ୍ଡ ଠାକୁର ଆଗମନ କରି ଧୂଳି ଦଣ୍ଡ, ଅଗ୍ନି ଦଣ୍ଡ ଖେଳି ପାଣିତୋଳା ସହ ଦଣ୍ଡଯାତ୍ରା ପରିବେଷଣ କରୁଛନ୍ତି। ଏବେ ବାଲୁଗାଁ ବାଣପୁର ତଥା ସମଗ୍ର ଚିଲିକା ଅଞ୍ଚଳରେ ଦୈନନ୍ଦିନ ୫ ରୁ ଉର୍ଦ୍ଧ ଦଣ୍ଡ ଠାକୁର ଗ୍ରାମ ପରିକ୍ରମା କରି ଦଣ୍ଡ ଯାତ୍ରା ପରିବେଷଣ କରୁଥିବା ବେଳେ ଗ୍ରାମ ମାନଙ୍କରେ ଘରେ ଘରେ ବନ୍ଧୁ ବାନ୍ଧବଙ୍କ ସମାଗମ ହେବା ସହ ମାନସିକ ଧାରୀ ଶୁଦ୍ଧପୂତ ଭାବେ ଠାକୁରଙ୍କୁ ଫୁଲମାଳ ସହ ବିଭିନ୍ନ ଫଳମୂଳ ଭୋଗ ଲାଗି କରିବାରେ ଗ୍ରାମ ଠାରୁ ସହର ଉତ୍ସବ ମୁଖର ହୋଇପଡିଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଦୈନଦିନ ଅପରାହ୍ନରେ ଯଜ୍ଞ ପଇତା ଧାରଣ କରିଥିବା ପାଟ ଭଗତା ଓ ୧୨ ଭଗତା ସମେତ ସମସ୍ତ ଭଗତା ମାନେ ନିଜ ନିଜର ଗାଦିଶ୍ୱର ପୀଠରୁ ଦଣ୍ଡ ଠାକୁରଙ୍କ ସହ ବାହାରି ନିକଟସ୍ଥ ପୁଷ୍କରଣୀରେ ସ୍ନାନ ସାରି ତୁଠରେ ଶୈବ ପୂଜା, ପାପ ନାଶିନି ପୂଜା ସରିବା ପରେ ଦଣ୍ଡରେ ଅଗ୍ନି ସଂଯୋଗ କରାଯାଇ କାଳିକା ପୂଜା, କାମନା ପୂଜା, ସପ୍ତଋଷି ପୂଜା, ଦଶଦିଗପାଳ ପୂଜା ଆଦି ସମସ୍ତ ପୂଜାନୀତି ସମ୍ପାଦନା ପରେ ଦଣ୍ଡ ଠାକୁରଙ୍କୁ ପାଣିତୋଳା କରାଯାଇ ନୂତନ ବସ୍ତ୍ର ଓ ଫୁଲରେ ସୁସଜ୍ଜିତ କରାଯାଇ ବିଭିନ୍ନ ମାନସିକ ଧାରୀଙ୍କ ଗ୍ରାମ ପରିକ୍ରମା କରାଯାଉଛି। ଗ୍ରାମ ପରିକ୍ରମା ବେଳେ ଦଣ୍ଡଠାକୁରଙ୍କ ଆଶୀର୍ବାଦ ଲାଭ ପାଇବା ଲାଗି ରାସ୍ତାରେ ଶ୍ରଦ୍ଧାଳୁ ଅଧିଆ ପଡୁଥିବା ଦେଖିବାକୁ ମିଳୁଛି। ମାନସିକଧାରୀଙ୍କ ଦ୍ୱାରରେ ଭୋଗ ଖାଇ ପାଣିତୋଳା ଉତ୍ସବ ସାରି ଉକ୍ତ ଗ୍ରାମ ସ୍ଥିତ ମନ୍ଦିରରେ ଠାକୁର ବିଶ୍ରାମ ନେବା ପରେ ରାତ୍ରରେ ମାନସିକଧାରୀଙ୍କ ଦ୍ୱାରରେ ରାତ୍ର ତମାମ ଦଣ୍ଡ ଯାତ୍ରା ପରିବେଷଣ କରି ସକାଳୁ ନିଜସ୍ୱ ଗାଦୀଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏପରି ୨୧ଦିନ ବ୍ୟାପି ଦୈନନ୍ଦିନ ସମସ୍ତ ଦଣ୍ଡ ଠାକୁର ପାଟ ଭଗତା, ମୁଖ୍ୟ ଦଣ୍ଡୁଆ, ୧୨ ଭଗତା ଓ ସମସ୍ତ ଭଗତାଙ୍କ ସହ କମିଟିର ତତ୍ତ୍ୱାବଧାନରେ ବିଭିନ୍ନ ଗ୍ରାମ ବୁଲି ବୁଲି ମାନସିକଧାରୀଙ୍କ ଦ୍ୱାରରେ ଅପରାହ୍ନରେ ପାଣିତୋଳା ଉତ୍ସବ ସହ ରାତ୍ରରେ ଦଣ୍ଡନୃତ୍ୟ ପରିବେଷଣ ଚାଲିଛି। ପ୍ରତି ବର୍ଷ ପରି ଚଳିତ ବର୍ଷର ଏହି ଦଣ୍ଡ ଯାତ୍ରା ମେରୁ ଦିବସ ରାତ୍ରର ଶେଷ ପ୍ରହରରେ ସମସ୍ତ ଦଣ୍ଡ ଠାକୁର ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ପଣା ସଂକ୍ରାନ୍ତିରେ ଚଳିତ ବର୍ଷର ଏହି ଦଣ୍ଡ ଯାତ୍ରା ଉତ୍ସବ ସମାପନ ହେବ। ଗ୍ରାମ ଗ୍ରାମରେ ଦଣ୍ଡ ଠାକୁରଙ୍କ ଦଣ୍ଡଯାତ୍ରାରେ ସମଗ୍ର ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।



# ରମାମଣୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବେଗୁନିଆ, ୭।୪ (ସମିସ) : ବେଗୁନିଆ ବ୍ଲକ କଣ୍ଟାବାଡ ରମାମଣୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସର ମିଳିତ ସହଯୋଗରେ ମଙ୍ଗଳବାର ଦିନ ପୂର୍ବାହ୍ନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ବନ୍ଧୁ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଜାତୀୟ ସେବାସଂସ୍ଥା ର ପୋଗ୍ରାମ ଅଫିସର ଶ୍ରୀନିବାସ ସାହୁ, ରୋମାଲିନ ରାଉତ ଓ ଯୁବ ରେଡ଼କ୍ରସର କାଉନସିଲର ଦିଲ୍ଲୀପ କୁମାର ସାଥୁଆ, ଡ଼. ସୌମ୍ୟା ଷଡ଼ଙ୍ଗୀ ଏବଂ ପ୍ରତାପ କୁମାର ମେହେରଙ୍କ ପ୍ରମୁଖ ଉତ୍ସାହିତ କରିଥିଲେ। ଏଥିରୁ ମୋଟ ୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଣ୍ଟାବାଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ରଶ୍ମିତା ଆଚାର୍ଯ୍ୟ, ଓଡ଼ିଶା ରକ୍ତ ଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟର ଲାବଟେକେନସିଆନ ଅରୁଣ କୁମାର ସାହୁ, ବିଶ୍ୱ ରଞ୍ଜନ ମହାପାତ୍ର ଓ ଷ୍ଟାଫନର୍ସ ଝାନସୀ ରାଣୀ ପାତ୍ର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ଶ୍ୟାମା ପ୍ରସାଦ ଶତପଥୀ, ମୁଖ୍ୟ କିରାଣି ରାଧାଶ୍ୟାମ ସାହୁ, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ କିରାଣୀ ଦିଲ୍ଲୀପ କୁମାର ପଣ୍ଡା, ପବିତ୍ର କୁମାର ବେହେରା ଓ ନୀଳକଣ୍ଠ ସାହୁ ପ୍ରମୁଖ ସହଯୋଗ କରିଥିଲେ।



